ଧରିତ୍ରୀ
DHARITRI
January 4-10, 2026 ₹ 2/-

ଧରିତ୍ରୀ DHARITRI 52 Years

# ଛୁଟିଦିନ

# ଚିଲିକା ତୀରେ

ପର୍ଯ୍ୟଟକଙ୍କୁ ସବୁବେଳେ ଆକର୍ଷିତ କରିଆସିଛି ନୀଳାମ୍ବୁ ଚିଲିକା । ତେବେ କେବଳ ଚିଲିକା ହ୍ରଦ ନୁହେଁ ଏହାର ତୀରରେ ବି ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳ। ଯାହା ପାଇଁ ଡଙ୍ଗାର ଆବଶ୍ୟକତା ନାହିଁ। ସ୍ଥଳପଥରେ ଯାଇ ଏସବୁ ସ୍ଥାନ ଭ୍ରମଣ କରିପାରିବେ..

୩
ପ୍ରଚ୍ଛଦ ପ୍ରସଙ୍ଗ



# କେଉଁଠି ରଖିବେ ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତି

**ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତିକୁ ଘରେ ରଖିଲେ ଶୁଭ ହୁଏ ବୋଲି ବିଶ୍ୱାସ ରହିଛି। ତେବେ ଏହି ମୂର୍ତ୍ତିକୁ ଘରର କେଉଁ ସ୍ଥାନରେ ରଖିଲେ କି ସୁଫଳ ମିଳେ ଜାଣନ୍ତୁ ସେ ସମ୍ପର୍କରେ...**



✲ ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତିକୁ ରଖିବା ପାଇଁ ଘରର ଦକ୍ଷିଣ-ପୂର୍ବ ଦିଗ ହେଉଛି ସବୁଠୁ ଉତ୍ତମ। ଏହି ଦିଗରେ ଉକ୍ତ ମୂର୍ତ୍ତି ରଖିଲେ ପରିବାର ଲୋକଙ୍କର ଆୟରେ ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି।

✲ ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ବି ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତିକୁ ରଖିବା ଶୁଭ ହୋଇଥାଏ। ଏହି ମୂର୍ତ୍ତିକୁ ସେଠାରେ ରଖିଲାବେଳେ ଏହାର ମୁହଁ ପ୍ରବେଶ ଦ୍ୱାର ଆଡକୁ ରଖିବେ। ଘର ମଧ୍ୟକୁ ଆସୁଥିବା ସକାରାତ୍ମକ ଉର୍ଜା ବା ସମୃଦ୍ଧିକୁ ଏହା ସ୍ୱାଗତ କରିବା ସହ ତାହାକୁ ବୃଦ୍ଧି କରିବାରେ ସହାୟକ ହୁଏ।

✲ କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ଭିତରେ ସନ୍ତୁଳନ ରକ୍ଷା କରିବା ସହ ଶାନ୍ତିରେ ସମୟ ଅତିବାହିତ କରିବାକୁ ଚାହୁଁଥିଲେ, ଘର, ଅଫିସ୍ ରୁମ୍ ହେଉ କି ଲିଭିଂ ରୁମ୍‌ରେ ଲାଫିଙ୍ଗ୍ ବୁଦ୍ଧ ରଖିବା ଉତ୍ତମ ହୋଇଥାଏ। କାରଣ ଏହି ମୂର୍ତ୍ତିକୁ କିଛି ସମୟ ଚାହିଁଦେଲେ ମାନସିକ ଶାନ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

✲ ଘରର ଲିଭିଂ ରୁମ୍; ଯେଉଁଠି ପରିବାର ଲୋକ ଅଧିକାଂଶ ସମୟ ଏକାଠି ବିତାଇଥାନ୍ତି, ସେଠାରେ ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତି ରଖିଲେ ପରିବାର ଲୋକଙ୍କ ଭିତରେ ସମ୍ପର୍କ ଦୃଢ଼ ହେବା ସହ ଭଲ ପାଇବା ବଢ଼ିଥାଏ ବୋଲି ବିଶ୍ୱାସ ରହିଛି।

✲ ପିଲାଙ୍କ ରୁମ୍‌ର ପ୍ରବେଶ ଦ୍ୱାର ନିକଟରେ ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତି ରଖିଲେ ସେମାନଙ୍କର ସୌଭାଗ୍ୟ ପ୍ରାପ୍ତି ହେବା ସହ ଖରାପ ନଜରରୁ ରକ୍ଷା ମିଳେ।

✲ ପିଲାଙ୍କ ଷ୍ଟଡି ଟେବୁଲ୍ ଉପରେ ଏହି ମୂର୍ତ୍ତି ରଖିଲେ ସେମାନଙ୍କର ପାଠପଢ଼ାରେ ଏକାଗ୍ରତା ବଢ଼େ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୪-୧୦, ୨୦୨୬

**ମେଷ**
ପଦସ୍ଥ ବ୍ୟକ୍ତିଙ୍କ ସହାୟତା, କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ, ଦକ୍ଷତାଭିତ୍ତିକ ସାମାଜିକ ପ୍ରତିଷ୍ଠା, ବନ୍ଧୁମିଳନର ଆୟୋଜନ, ଘର ସାଜସଜ୍ଜାରେ ରୁଚି, ଆତ୍ମୀୟଙ୍କୁ ଅର୍ଥସାହାଯ୍ୟ, ସହନଶୀଳତା ଗୁଣରୁ ପ୍ରଶଂସା ॥

**ବୃଷ**
ଦୂରଦର୍ଶିତାର ସଫଳତା, ସମୟୋପଯୋଗୀ ପଦକ୍ଷେପ, ସରକାରୀ ସହାୟତା, ପାରିବାରିକ ସୁଖସୌଭାଗ୍ୟ, ଯାନ୍ତ୍ରିକ ଜିନିଷ କ୍ରୟ, ସାମ୍ବାଦିକତାରୁ ପ୍ରଶଂସା, କଚେରୀ ମାମଲାରେ ବାଇଦା ॥

**ମିଥୁନ**
ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟ, ପ୍ରତିବନ୍ଧକ ଦୂରେଇଯିବ, ପାରିବାରିକ ସମସ୍ୟା, ଖର୍ଚ୍ଚ ପରିମାଣ ବଢ଼ିବ, ମାନସିକ ସ୍ଥିତି ବିଗିଡ଼ିବ, ବନ୍ଧୁଙ୍କ ଭୁଲ୍‌ବିଚାର, ପରିବହନରେ ଝଗଡ଼ା, ପ୍ରକାଶନରେ ବିଳମ୍ବ, ସତ୍‌ସଙ୍ଗର ସୁଯୋଗ ॥

**କର୍କଟ**
ସୁଚିନ୍ତିତ ବିଚାରଧାରା, ପ୍ରଶାସନିକ ସ୍ତରରେ ଉଚ୍ଚପଦବୀ, ମାନସମ୍ମାନ ବୃଦ୍ଧି, କ୍ରନିକ୍ ରୋଗରେ ପୀଡ଼ାବୃଦ୍ଧି, ହିତୈଷୀବନ୍ଧୁଙ୍କ ପରାମର୍ଶ, ଧର୍ମକାର୍ଯ୍ୟ କରିବେ, ଫ୍ଲାଟିଂ ବ୍ୟବସାୟରେ ଉନ୍ନତି ॥

**ସିଂହ**
ପରିସ୍ଥିତି ବଦଳିଯିବ, ଲକ୍ଷ୍ୟ ପଥରେ ଆଗେଇବେ, ଆଇନ ସହାୟତା ପ୍ରାପ୍ତି, ସାହିତ୍ୟାନୁରାଗୀ ହେବେ, ମନୋରଞ୍ଜନର ମଉକା, କ୍ରୀଡ଼ାଚଳଚ୍ଚିତ୍ରରେ ସମସ୍ୟା, ଭ୍ରାତୃସମ୍ପର୍କରେ ଅବନତି, ବିଦେଶଯାତ୍ରାର ସୁଯୋଗ ଲାଭ ॥

**କନ୍ୟା**
କର୍ମକ୍ଷେତ୍ରରେ ବିତର୍କ, ଅଶ୍ୱସ୍ତିକର ପରିସ୍ଥିତି, ଅନ୍ତରଙ୍ଗବନ୍ଧୁଙ୍କ ଆଶ୍ୱାସନା, ବୈଷୟିକ ଅଭିବୃଦ୍ଧି, ନୂତନ ବନ୍ଧୁସମ୍ପର୍କ, ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା, ତୀର୍ଥାଟନ କରିପାରନ୍ତି, ଆନୁଷ୍ଠାନିକ ସଙ୍ଗୀତ ସମାରୋହ, ରପ୍ତାନୀ ବାଣିଜ୍ୟରେ ପ୍ରତିବନ୍ଧକ, ଯୋଗ ସାଧନାରେ ରୁଚି ॥

**ତୁଳା**
ସୁଚିନ୍ତିତ କର୍ମଯୋଜନା, ଶୃଙ୍ଖଳିତ ଜୀବନଚର୍ଯ୍ୟା, ବକେୟା ଅର୍ଥପ୍ରାପ୍ତି, ମିତ୍ରବନ୍ଧୁଙ୍କ ଆଗମନ, କଳା ସାହିତ୍ୟରେ ଅନୁରାଗ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ପରୋକ୍ଷଶତ୍ରୁଦ୍ୱାରା ମନସ୍ତାପ, ଜମିଜମା ବିବାଦ ବୃଦ୍ଧି ॥

**ବିଛା**
ଅବହେଳାରୁ କର୍ମହାନୀ, ଭୁଲ୍ ବୁଝାମଣାରୁ ଅଶାନ୍ତି, ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା, ସହାନୁଭୂତିଶୀଳ ମନୋଭାବରୁ ପ୍ରଶଂସା, ଲୋକସମ୍ପର୍କ ବୃଦ୍ଧି, ବିବାଦର ପରିସମାପ୍ତି, ଗବେଷଣାରେ ଅଗ୍ରଗତି, ପ୍ରତିଯୋଗୀତାରେ ସଫଳତା ॥

**ଧନୁ**
ସଙ୍କୋଚତାର ପ୍ରଶଂସା, ସ୍ଥଗିତ କାର୍ଯ୍ୟ ଆଗେଇବ, ଖରାପ ଅବସ୍ଥା ଦୂରହେବ, ମାନସିକ ଭାରସାମ୍ୟ ବଜାୟ ରହିବ, ପରିବାରର ସହମତିରେ କାର୍ଯ୍ୟ, ଆତ୍ମୀୟମାନଙ୍କ ସହୃଦୟତା, ସମସ୍ୟାକୁ ସୁଧାରି ନେବେ ॥

**ମକର**
ଉପରିସ୍ଥଙ୍କ ଅନୁକମ୍ପା, କର୍ମମୟ ଜୀବନର ସରସତା, ଦୃଢ଼ ସାମାଜିକ ସ୍ଥିତି, ଯାନବାହନ କ୍ରୟବିକ୍ରୟ, ଲୋକସମ୍ପର୍କରେ ଅବନତି, ନୀଚଜନ ସହ ବିବାଦ, ଦୂରଯାତ୍ରାର ଲକ୍ଷ୍ୟପୂରଣ, ପୂର୍ବ ପରିକଳ୍ପିତ ଯୋଜନାରମ୍ଭ, ମାଙ୍ଗଳିକ କାର୍ଯ୍ୟରେ ବାଧା ॥

**କୁମ୍ଭ**
ପ୍ରତିକୂଳ ପରିସ୍ଥିତି, ପ୍ରତିବନ୍ଧକ ଦୂରେଇଯିବ, ବୁଝାମଣାରେ ଉନ୍ନତି, ପାରିବାରିକ ସହମତି, ସ୍ନାୟବିକ ଦୁର୍ବଳତା, ଆର୍ଥିକ ସ୍ଥିତି ବଦଳିଯିବ, କର୍ମକ୍ଷେତ୍ରରେ ପଦୋନ୍ନତି, ଆମଦାନୀ କାରବାର ବଢ଼ିବ, ବେହିସାବ ଖର୍ଚ୍ଚରୁ ମନସ୍ତାପ, ସରଳ ବିଶ୍ୱାସରୁ ସମସ୍ୟା ॥

**ମୀନ**
ସ୍ଥଗିତ କାର୍ଯ୍ୟାରମ୍ଭରେ ବାଧା, ଶାରୀରିକ ଅସାମର୍ଥ୍ୟତା, ମନୋବଳର ପ୍ରାବଲ୍ୟ, ପରିସ୍ଥିତିକୁ ନିୟନ୍ତ୍ରଣ କରିବେ, ନିଷ୍ପତି ନେବାରେ ଦ୍ୱନ୍ଦ୍ୱ, ମନ ଆନ୍ଦୋଳିତ ରହିବ, ଧର୍ମାନୁଷ୍ଠାନରେ ସହଯୋଗ, କୃତି ଓ କୃତିତ୍ୱରୁ ପ୍ରଶଂସା, ଲୋକକଳାର ପ୍ରସାର ବୃଦ୍ଧି, ଶିଳ୍ପବାଣିଜ୍ୟରେ ଉନ୍ନତି ॥

# ସିଟିଙ୍ଗ୍ ଜବ୍ କରୁଥିଲେ...

ଅଫିସ୍‌ରେ ଅଧିକ ସମୟ ବସି ରହି କାମ କଲେ ବେଳେବେଳେ ଅଣ୍ଟା ଦରଜ ହୁଏ। କମ୍ପ୍ୟୁଟର୍ ସ୍କ୍ରିନ୍‌ରେ କାମ କରି କରି କାହାର ଆଖିରୁ ପାଣି ବାହାରେ ତ କାହାର ମୁଣ୍ଡ ବିନ୍ଧେ। ତେଣୁ କୁହାଯାଏ, ବେଶୀ ସମୟ ଗୋଟେ ଜାଗାରେ ନ ବସି ମଝିରେ ମଝିରେ ଟିକେ ଚଲାବୁଲା କରିବା ଦରକାର। ଆଖିକୁ ବି ପରିଷ୍କାର ପାଣିରେ ସମୟାନୁସାରେ ଟିକେ ଧୋଇ ଦେବା ଭଲ। ଏହାଛଡ଼ା ଆହୁରି ବି କିଛି ହାଲ୍‌କା ଫୁଲ୍‌କା ଉପଯୋଗୀ ବ୍ୟାୟାମ୍ ରହିଛି ; ଯାହାକୁ ଅଫିସ୍‌ରେ କାମ କରୁଥିବା ସମୟରେ ଜଣେ ଆରାମରେ କରି ନିଜକୁ ଫିଟ୍ ରଖିପାରିବେ। ଯେମିତିକି: ✲ ପ୍ରତି ଘଣ୍ଟାକୁ ଥରେ ସିଟ୍‌ରୁ ଉଠି ଆଠ/ଦଶ ପାଦ ଚାଲିବେ, ମିଟିଂରେ ଥିଲେ ୱାସରୁମ୍ ବାହାନରେ ଟିକେ ବ୍ରେକ୍ ନେବେ। ✲ ଲାପ୍‌ଟପ୍, ଡେସ୍କଟପ୍‌ରେ ଲଗାତାର କାମ କରୁଥିଲେ ଆଖିପତାକୁ ବାରମ୍ବାର ପକାଇବେ, ବେଳେବେଳେ ଆଖିରେ ପାଣି ଛାଟିବେ। ✲ ଫୋନ୍‌ରେ କଥା ହେବାର ଥିଲେ, ସିଟ୍‌ରେ ନବସି ଚାଲି ଚାଲି କଥା ହେବେ, ଯାହା ରକ୍ତ ସଞ୍ଚାଳନ ବଜାୟ ରଖିବ। ✲ ସିଟ୍‌ରେ ସିଧା ଭାବେ ବସି ଦୁଇ ଗୋଡ଼କୁ ଏକାସାଙ୍ଗେ ଟିକେ ତଳଉପର କରିପାରିବେ। ✲ ଘଣ୍ଟାକୁ ଥରେ ଅଧ ମିନିଟ୍ ପାଇଁ ହେଉନା କାହିଁକି ବେକକୁ ଚେୟାର୍ ପଛପଟକୁ ସାମାନ୍ୟ ଓହଳେଇ ରଖିବେ। ଏହା ସ୍ପଣ୍ଡିଲାଇଟିସ୍‌ରୁ ରକ୍ଷା କରିବାରେ ସାହାଯ୍ୟ କରେ। ✲ ପାଟିରେ ପବନ ରଖି ତାହାକୁ ବାରମ୍ବାର ଫୁଲାଇବେ। ବେଳେବେଳେ ଚୁଇଗମ୍ ବି ଖାଇପାରିବେ। ଏହା ଗାଲର ଚର୍ବିକୁ କମାଇବା ସହ ଡବଲ୍ ଚିନ୍‌କୁ କମାଇଥାଏ। ✲ ସହକର୍ମୀଙ୍କ ସହ ମଜା କରି ଖୁବ୍ ହସିବେ, ଅନ୍ୟଙ୍କୁ ବି ହସାଇବେ। ତାଳି ବଜାଇବାର ମଉକା ଥିଲେ ଆଦୌ କଞ୍ଜୁସ୍ କରିବେ ନାହିଁ। କାରଣ ଏସବୁ ବି ଗୋଟେ ଗୋଟେ ଉତ୍ତମ ବ୍ୟାୟାମ ; ଯାହା ରକ୍ତ ସଞ୍ଚାଳନ ଠିକ୍ କରିବା ସହ ମାଇଣ୍ଡ ଫ୍ରେଶ୍ କରେ।



## ପାଠକୀୟ

✲ ମାଣିଆବନ୍ଧ ଶାଢ଼ି ସହ ହିନ୍ଦୁ ଓ ବୌଦ୍ଧ ସଂସ୍କୃତିର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳୁଥିବା ଏମିତି ଏକ ଗାଁ ; ଯାହାର ନାଁ ମାଣିଆବନ୍ଧ। ତେଣୁ ଏହି ସ୍ଥାନ ସମ୍ପର୍କରେ ବିସ୍ତୃତ ତଥ୍ୟ ଛୁଟିଦିନର ଏଥରର ପ୍ରଚ୍ଛଦ ପ୍ରସଙ୍ଗରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ପଶୁପକ୍ଷୀଙ୍କୁ ଖାଦ୍ୟ ଖୁଆଇବାର ଲାଭ', 'ସୁପରଫୁଡ୍ ସିକ୍ରେଟ୍' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ଗାର୍ଗୀ ପ୍ରଧାନ, ଯାଜପୁର*

✲ 'ମାଣିଆବନ୍ଧ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ନିଆରା ଥିଲା। ଏଥିରୁ ବହୁ ଉପାଦେୟ କଥା ଜାଣିବାକୁ ମିଳିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଶାଢ଼ି ସହ ଶ୍ରଗ୍ ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସୁଚିତ୍ରା ମିଶ୍ରଙ୍କ ଜୀବନ କାହାଣୀ ପଢ଼ି ଖୁସି ଲାଗିଲା।

*– ଡମ୍ବରୁଧର ଦାଶ, କଳାହାଣ୍ଡି*

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ମାତୃତ୍ୱର ମୋହ' ଶୀର୍ଷକ ଗପଟି ଖୁବ୍ ହୃଦୟଛୁଆଁ ହୋଇଥିଲା। ଛୁଟିଦିନରେ ପ୍ରକାଶିତ 'ସ୍ମୃତିରେ ୨୦୨୫' ଶୀର୍ଷକ ସ୍ୱତନ୍ତ୍ର ଉପସ୍ଥାପନାଟି ବେଶ୍ ଆଖିଦୃଶିଆ ଲାଗୁଥିଲା। କବି ଇଂ. ସ୍ମୃତିରଞ୍ଜନ ତ୍ରିପାଠୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ପ୍ରେରଣାଦାୟୀ ଥିଲା।

*– ପ୍ରତାପ କୁମାର, ଅନୁଗୋଳ*

✲ ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଏଥିରେ ସ୍ଥାନିତ 'ବ୍ୟସ୍ତ ଅଛନ୍ତି ନୋରା', 'ଦୋଛକିରେ ଜାହ୍ନବୀ', 'ଯଦି ରାଜି ହୋଇଥାଆନ୍ତେ ପ୍ରିୟଙ୍କା' ଆଦି ପାଠର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ଥିଲା। 'ଶେରଗଡ଼' ପାଠଟିରୁ ବହୁ ଅଜଣା କଥା ଜାଣିହେଲା। 'କ୍ରିସ୍‌ମସ୍ ଡେଷ୍ଟିନେଶନ' ପାଠଟି ବି ଶିକ୍ଷଣୀୟ ହୋଇଥିଲା।

*– ମିନତୀ ବିଶ୍ୱାଳ, ପୁରୀ*

✲ ବିବିଧା ପୃଷ୍ଠାରୁ 'ସାଣ୍ଟାଙ୍କ ପୋଷାକ କାହିଁକି ନାଲି ଧଳା ରଙ୍ଗର', ସେ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଯୋଜନାରେ ନୂଆବର୍ଷ' ଶୀର୍ଷକ ପାଠଟି ଶିକ୍ଷଣୀୟ ହେବା ସହ ମନଛୁଆଁ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଇଏ କ'ଣ କେଚ୍‌ଅପ୍ ବଟଲ୍!', 'ପାହାଡରେ ଦିଶେ ବିରାଟକାୟ କ୍ରିସ୍‌ମସ୍ ଟ୍ରି', 'ଗଛରେ ଓଲଟା ଚଢ଼ନ୍ତି ଯୁବକ' ଆଦି ପାଠଗୁଡ଼ିକ ତଥ୍ୟପୂର୍ଣ୍ଣ ହେବା ସହ ଆଶ୍ଚର୍ଯ୍ୟକର ଥିଲା।

*– ରମେଶ ପଣ୍ଡା, ରାଉରକେଲା*

✲ ଛୁଟିଦିନର ପ୍ରତ୍ୟେକଟି ପୃଷ୍ଠା ମୋତେ ପଢ଼ିବାକୁ ଭଲ ଲାଗେ। ଏଥିରେ ସ୍ଥାନିତ ସିନେମା, ହାଃ ହାଃ, ବ୍ୟାକ୍‌ପେଜ୍, ବିବିଧା ତଥା ସାଥୀ ପୃଷ୍ଠା ପଢ଼ିବା ମୋର ଭାରି ପ୍ରିୟ। ପ୍ରତିଥରର ପ୍ରଚ୍ଛଦ ପ୍ରସଙ୍ଗ ବି ଅନେକ ନୂଆ କଥା ଶିଖାଏ।

*– ଜୟନ୍ତୀ ମାଝି, ବଲାଙ୍ଗୀର*

## ବିଶେଷ ଚିଠି




ରାତି ଭଲ ଲାଗେନା
ଜହ୍ନ ବିନା,
ଫଗୁଣ ଭଲ ଲାଗେନା
ରଙ୍ଗ ବିନା,
ଜୀବନ ଭଲ ଲାଗେନା
ସାଥୀ ବିନା,
ରବିବାର ଭଲ ଲାଗେନା
'ଛୁଟିଦିନ' ବିନା।

*– ଗୋବିନ୍ଦ ଚନ୍ଦ୍ର ହାଁସଦାଃ, ବଡ଼ନାଲୁଆ, ବିଶୋଇ, ମୟୂରଭଞ୍ଜ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଚିଲିକା ତୀରେ


ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ନୀଳାମ୍ବୁ ଚିଲିକା । ଯାହା ସବୁବେଳେ ପର୍ଯ୍ୟଟକଙ୍କୁ ନିଜ ଆଡ଼କୁ ଅକର୍ଷିତ କରିଆସିଛି । ଚିଲିକାରେ ଭ୍ରମଣମାନେ ହିଁ ମନରେ ଆସିବ ଡ଼ଙ୍ଗାରେ କି ମୋଟର ବୋଟ୍‌ରେ ଯିବେ । କିନ୍ତୁ ଆମେ ଚିଲିକା ଭିତରେ ଡଙ୍ଗାରେ କି ମୋଟର ବୋଟ୍‌ରେ ଯାତ୍ରା କଥା କହୁ ନାହୁଁ । ଚିଲିକା ତୀରରେ ଥିବା ଅନେକ ପର୍ଯ୍ୟଟନସ୍ଥଳ ରହିଛି ଯେଉଁଠିକୁ ଆପଣ ବାଇକରେ କିମ୍ବା ମୋଟରଗାଡ଼ିରେ ଯାଇ ବୁଲିବା ସହ ଚିଲିକାର ସୌନ୍ଦର୍ଯ୍ୟ ବି ଉପଭୋଗ କରିପାରିବେ । ପର୍ଯ୍ୟଟକଙ୍କ ଦୃଷ୍ଟିଆଢୁଆଳରେ ରହିଯାଉଥିବା ଏହିସବୁ ସ୍ଥାନକୁ ଏଥର ଏଇ ଶୀତଋତୁରେ ଯାଇ ପର୍ଯ୍ୟଟନର ମଜା ନେଇପାରିବେ ।


ଚିଲିକା ହ୍ରଦ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାକୁ ନେଇ ପରିବ୍ୟାପ୍ତ । ତେଣୁ ଯଦି ଚିଲିକା ତଟରେ ଥିବା ପର୍ଯ୍ୟଟନସ୍ଥଳ ଦେଖିବାକୁ ଚାହୁଁଛନ୍ତି ତା'ହେଲେ କେମିତି ଯିବେ ସେ ସମ୍ପର୍କରେ ଉପସ୍ଥାପନା...

**ଖୋର୍ଦ୍ଧାପଟୁ ଯିବା ବେଳେ ଦେଖିପାରିବେ-:** ଖୋର୍ଦ୍ଧା ଜିଲା ସଦରମହକୁମାଠାରୁ ଜାତୀୟ ରାଜପଥରେ ବାଲୁଗାଁ ଆଡ଼କୁ ଆସିବା ପୂର୍ବରୁ ପ୍ରାୟ ୪୦କି. ମି. ଦୂରରେ ପଡ଼ିବ ଉଗ୍ରତାରା ଛକ । ଏଠାରୁ ମା' ଉଗ୍ରତାରାଙ୍କ ପୀଠ ପ୍ରାୟ୨କିମି ଦୂର ହେବ । ମା' ଉଗ୍ର ତାରାଙ୍କ ଦର୍ଶନ ସାରି କନ୍ତଲବାଇ-ଭୂଷଣ୍ଡପୁର ରାସ୍ତାରେ ପ୍ରାୟ୧ କି.ମି. ଦୂର ଆସିଲେ ପଡ଼ିବ ସାକ୍ଷୀଗୋପାଳ । ଠାକୁରଙ୍କ ଦର୍ଶନ ସାରି ସେଠାରୁ ଭୂଷଣ୍ଡପୁର ଚିଲିକା ଜେଟିକୁ ଲମ୍ବିଥିବା ରାସ୍ତାରେ ପ୍ରାୟ୨କିମି ଦୂର ଆସିଲା ପରେ ମୁଣ୍ଡିଆସାହି ନିକଟରେ ରହିଛି ଉଧବ ଦାସ ପାହାଡ଼ । ପାହାଡ଼ ପାଦଦେଶରେ ଚିଲିକା ଏବଂ ବିଲ କ୍ଷେତମାଳର ସବୁଜିମା କିଛି ସମୟ ପାଇଁ ମନକୁ ଆନମନା କରିଦିଏ । ଏଠାରେ ଭୂଷଣ୍ଡକାକ ଏବଂ ଅନ୍ୟାନ୍ୟ ଦେବଦେବୀଙ୍କୁ ଦର୍ଶନ କରିପାରିବେ । ଏଠାରେ ମାଘମାସରେ ବଡ଼ ମେଳା ହୁଏ । ମଙ୍ଗଳାଯୋଡ଼ି ଅଭିମୁଖେ ଆସିଲେ ମୁକ୍ତେଶ୍ୱର ରେଳଷ୍ଟେଶନ ଲେଭଲ କ୍ରସିଂ ପାର ହୋଇ ମଙ୍ଗଳା ଯୋଡ଼ି ବିହଙ୍ଗବିହାର ସ୍ଥଳ ଭାଗ ଜେଟିରେ ପହଞ୍ଚି ପାରିବେ । ଖୋର୍ଦ୍ଧା ଜିଲାର ଚିଲିକା ଉପକୂଳବର୍ତ୍ତୀ ମଙ୍ଗଳାଯୋଡ଼ି ଏକ ମତ୍ସ୍ୟଜୀବୀ ଗାଁ । ମଙ୍ଗଳାଯୋଡ଼ିର ଚିଲିକା ପରିବେଶରେ ପକ୍ଷୀମାନଙ୍କ ଲାଗି ଉପଯୁକ୍ତ ଜଳବାୟୁ, ଯଥେଷ୍ଟ ଖାଦ୍ୟ, ଚଳପ୍ରଚଳ ପାଇଁ ମୁକ୍ତ ପରିବେଶ ରହିଛି । ଚିଲିକାର ମଙ୍ଗଳାଯୋଡ଼ିରେ ବିଭିନ୍ନ ରଙ୍ଗବେରଙ୍ଗ ଦେଶୀ ବିଦେଶୀ ପକ୍ଷୀଙ୍କୁ ଦେଖିପାରିବେ । ମଙ୍ଗଳାଯୋଡ଼ିରେ ବର୍ଷର ପ୍ରାୟ ସବୁ ସମୟରେ ବିଭିନ୍ନ ଜାତିର ପକ୍ଷୀ ଦେଖିବାକୁ ମିଳନ୍ତି । ସେମାନଙ୍କ ଫଟୋ ଉଠାଇପାରିବେ କିନ୍ତୁ ସେମାନଙ୍କୁ କୌଣସି ବାଧାପ୍ରାପ୍ତ ହେଲାଭଳି କାର୍ଯ୍ୟକରିବେ ନାହିଁ, ସେଥିପ୍ରତି ସତର୍କ ରହିବେ । ଯେଉଁ ପର୍ଯ୍ୟଟକ ଚାହିଁବେ ଚିଲିକା ଜଳରେ ଡଙ୍ଗାରେ ବିହାର କରିପାରନ୍ତି । ସେଥିପାଇଁ ଡଙ୍ଗା ଭଡ଼ା ଦେବାକୁ ପଡ଼ିବ । ଏନ୍‌ଏଚ୍-୧୬ ଟାଙ୍ଗୀଠାରୁ ବସ୍ କିମ୍ବା ଅଟୋରିକ୍ସାରେ ମଙ୍ଗଳାଯୋଡ଼ିକୁ ଆସିପାରନ୍ତି । କିମ୍ବା ଟ୍ରେନ୍‌ରେ ଭୂଷଣ୍ଡପୁର, ମୁକ୍ତେଶ୍ୱର ଓ କାଲୁପଡ଼ାଷ୍ଟେଶନରୁ ଓହ୍ଲାଇ ଏଠାକୁ ଅଟୋରିକ୍ସାରେ ଆସିପାରନ୍ତି । ମଙ୍ଗଳାଯୋଡ଼ି ବିହଙ୍ଗବିହାରରୁ ବାହାରି ପ୍ରାୟ ୫କିମି ଦୂର ଟାଙ୍ଗୀ ରାସ୍ତାରେ ୧୬ ନଂ ଜାତୀୟ ରାଜପଥରେ ପହଞ୍ଚିଲାପରେ ଜାତୀୟ ରାଜପଥରେ ଦକ୍ଷିଣ ଆଡ଼କୁ ପ୍ରାୟ ୪କିମି ଦୂରରେ ପଡ଼ିବ ଚଣ୍ଡେଶ୍ୱର ଛକ । ଏଠାରେ ରହିଛି ଏକ ପୁରାତନ ଶୈବପୀଠ । ଶ୍ରୀଶ୍ରୀ ଚଣ୍ଡେଶ୍ୱର ଦେବ ଏବଂ ଶ୍ରୀଜଗନ୍ନାଥ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରିବେ । ଏଠାରୁ ଚଣ୍ଡେଶ୍ୱର -କୁହୁଡ଼ି ରାସ୍ତାରେ ଯିବା ପରେ କୁହୁଡ଼ି ବଜାର ନିକଟରେ ରହିଛି ତାଳଡ଼ିହ ମହାବୀରଙ୍କ ପୀଠ । ଏହି ପୀଠ ବୁଲି କୁହୁଡ଼ି ରେଳଲାଇନ ଲେଭଲ କ୍ରସିଂ ପାର ହୋଇ ରତନପୁର ଦେଇ ସୋରଣ ଚିଲିକା ପେଣ୍ଠରେ ପହଞ୍ଚିବେ । ଚିଲିକାରୁ ମାଛଧରି ବେପାର କରୁଥିବା ଏହି ପେଣ୍ଠରୁ ମାଛ କିଣିପାରିବେ । ମତ୍ସ୍ୟଜୀବୀଙ୍କ ଜୀବନଶୈଳୀକୁ ଅନୁଧ୍ୟାନ କରିପାରିବେ । ଏବେ ଏଠାରୁ ସୋରଣ-ତରାପୀ ଗ୍ରାମ୍ୟ ରାସ୍ତାରେ ହେଉ କିମ୍ବା ପୁନର୍ବାର ସୋରଣ କୁହୁଡ଼ି ରାସ୍ତାରେ ବାହାରି ହାଟବରଡ଼ି ଦେଇ ବାଲିଆ ଗାଁରୁ ଅମରଳି ପାରହେଲା ପରେ ନିମୁନାନାସୀକୁ ଯାଇପାରନ୍ତି । ଚିଲିକା ଉପକୂଳବର୍ତ୍ତୀ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମପଞ୍ଚାୟତ ଅଧୀନରେ ରହିଛି ଚିଲିକାର ନିମୁନାନାସୀ । ବର୍ଷର ଅନ୍ୟ ଦିନ ଅପେକ୍ଷା ବିଶେଷକରି ଶୀତ ଓ ଖରାଦିନେ ନିମୁନାନାସୀଠାରେ ବଣଭୋଜି କରିବାକୁ ଆଖପାଖ ଅଞ୍ଚଳର ସ୍କୁଲ କଲେଜ ପିଲାଙ୍କଠାରୁ ଆରମ୍ଭକରି ବିଭିନ୍ନ ବର୍ଗର ଲୋକଙ୍କ ଭିଡ଼ ଜମିଥାଏ । ତେବେ ଏଠାରେ ଦିନବେଳା ବଣଭୋଜି ପାଇଁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଚିଲିକା ବନ୍ୟପ୍ରାଣୀ ସୁରକ୍ଷାପ୍ରତି ନଜର ଦେବାକୁ ପଡ଼ିବ । ଏହି ସ୍ଥାନରେ ପହଞ୍ଚିଲା ପରେ ଦେଖିବାକୁ ପାଇବେ ଛୋଟ ଛୋଟ ମୁଣ୍ଡିଆ ଆଉ ମୁକ୍ତ ଆକାଶର ଭାସମାନ ବଉଦ ଚିଲିକା ଜଳର ପ୍ରତିବିମ୍ବରେ । ଚିଲିକା ମଧ୍ୟରୁ କୂଳଫେରନ୍ତା ତଲେଇଟଣା ନୌକାର ଦୃଶ୍ୟ, ଚିଲିକା ତଟଦେଶରେ ଧାଡ଼ିଧାଡ଼ି ହୋଇ ଠିଆହୋଇଥିବା ଏକାଧିକ ତାଳଗଛ । ନିକଟରେ ଥିବା ନାରୀକେଳ ଉଦ୍ୟାନର ନଡ଼ିଆଗଛର ଦୃଶ୍ୟ ଖୁବ୍ ମନଛୁଆଁ ଲାଗିବ । ଚିଲିକା ପବନରେ ଭାସିଆସୁଥିବା ନାଉରିଆର ଉଦ୍ଦାମ ସଙ୍ଗୀତ ଆପଣଙ୍କ ମନକୁ ଆନମନା କରିଦେବ । ଚିଲିକାରେ ସୂର୍ଯ୍ୟୋଦୟ ହେଉ କି ଅସ୍ତଗାମୀ ରବିଙ୍କ ଲାଲକିରଣ ଯାହା ଚିଲିକା ଜଳକୁ ରଙ୍ଗାୟିତ କରୁଥିବା ବେଳେ ଆକାଶରେ ଦଳଦଳ ହୋଇ ଉଡ଼ିଯାଉଥିବା ନାନାପ୍ରଜାତିର ବିହଙ୍ଗମାନଙ୍କ ଦୃଶ୍ୟ ଓ କାକଳି ଖୁବ୍ ମନମୁଗ୍ଧକର । ଏହା ପରିବେଶର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ଏସବୁ ଯିଏ ସ୍ୱଚକ୍ଷୁରେ ନ ଦେଖିଛି ତାଙ୍କୁ ଭାଷାରେ ବୁଝାଇ ହେବ ନାହିଁ । କିନ୍ତୁ ବର୍ଷର ସବୁ ସମୟରେ ଚିଲିକାରେ ମତ୍ସ୍ୟଜୀବୀମାନେ ମାଛ ଧରୁଥିବାର ଦେଖିପାରିବେ । ସେମାନଙ୍କ ଡଙ୍ଗାରେ ବୁଲିପାରିବେ । ସେଥିପାଇଁ ପୂର୍ବରୁ ଆବଶ୍ୟକ ଯୋଜନା ପ୍ରସ୍ତୁତ କରିବାକୁ ହେବ । ମାଛମାରି ରୋଷେଇ କରିବାର ମଜା ନେବା ପାଇଁ ଅଭିଜ୍ଞ ମାଛଧରାଳିଙ୍କ ସହିତ ଯୋଗାଯୋଗ କରିବାକୁ ହେବ । ନିମୁନନାସୀଜେଟିରେ ଏକ ବରଗଛ ମୂଳେ ମା' କାଳିଜାଇଙ୍କ ଏକ ମନ୍ଦିର ରହିଛି । ସ୍ଥାନୀୟ ଗ୍ରାମବାସୀଙ୍କ ଉଦ୍ୟମରେ ପ୍ରତିବର୍ଷ ମକର ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ । ସେମିତି ଚିଲିକା ମଧ୍ୟରେ ମହାପ୍ରଭୁଙ୍କ ଲୀଳାସ୍ଥଳ ପାଲଟିଥିବା କାଙ୍କଣକୁଦ ଅନ୍ୟତମ । ଦିନଥିଲା ଏଠାରୁ ଶ୍ରୀକ୍ଷେତ୍ରକୁ କାଙ୍କଣ ପଠାଯାଉଥିଲା । ନଇରୀ ଗ୍ରାମରେ ଶଗଡ଼ିରେ ରଥଯାତ୍ରା ହୋଇଥିଲା । ସମୟକ୍ରମେ ପ୍ରତିବର୍ଷ ଚିଲିକାର ଏହି ପବିତ୍ର ପୀଠରେ ଆୟୋଜନ ହେଉଥିବା ନୌକା ନନ୍ଦିଘୋଷରେ ବିଜେ କାଳିଆ ଠାକୁରଙ୍କ ରଥଯାତ୍ରା ନିଆରାଲାଗେ । କାଙ୍କଣକୁଦରେ ମହାପ୍ରଭୁଙ୍କ ଲୀଳାକୁ ନେଇ କବିବର ରାଧାନାଥ ରାୟଙ୍କ ଚିଲିକା କାବ୍ୟରେ ଉଲ୍ଲେଖ ରହିଛି- 'ତରଙ୍ଗବେଷ୍ଟିତ କାଙ୍କଣ ଶିଖରୀ, ଆଦ୍ୟଫଳ ଯା'ର ତରୀ ପୂର୍ଣ୍ଣକରି । ବର୍ଷେବର୍ଷେ ହ୍ରଦ ବିହାରୀ ଧୀବରେ, ଆଦରେ ଫେରନ୍ତି ଲକ୍ଷ୍ମୀ ରୋଷ ଘରେ ।' ଏହି ପୀଠର ବିକାଶ ପାଇଁ ପଦକ୍ଷେପ ନିଆଯାଇଛି । ଲୁହାତାର ବାଡ଼ ହୋଇଛି । ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ କଲ୍ୟାଣମଣ୍ଡପ, ଯଜ୍ଞମଣ୍ଡପ, କୂପ, ରୋଷଘର, ଅତିଥିଗୃହ, ଭଜନମଣ୍ଡପ, କାର୍ଯ୍ୟାଳୟ, ମୁଖଶାଳା, ଜେଟି, ସୋଲାର ଆଲୁଅ, ବିମଳାଙ୍କ ମନ୍ଦିର, ଶ୍ରୀଗଣେଶ, ସିମେଣ୍ଟବେଞ୍ଚ ଆଦି ନିର୍ମାଣ ହୋଇଛି । ପୁଷ୍ପ ଉଦ୍ୟାନ ଓ ମହାପ୍ରଭୁଙ୍କ ବିଭିନ୍ନ ବେଶ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ମଣ୍ଡପ ପାଇଁ ପରିକଳ୍ପନା ହୋଇଛି । ନଇରୀ ଗାଁରେ ହରିହରେଶ୍ୱର ବିଷ୍ଣୁ ଓ ଶିବ ଉଭୟେ ପୂଜା ପାଉଛନ୍ତି । ଏଠାକୁ ଯିବାକୁ ହେଲେ ବଉଳାବନ୍ଧ ଗାଁ ରାସ୍ତାରେ ହେଉ କି ଗଙ୍ଗାଧରପୁର ରେଳଷ୍ଟେଶନଠାରୁ ପ୍ରାୟ ୩କିମି ଦୂର ହେବ । ମାତ୍ର କାଙ୍କଣଶିଖରୀକୁ ଚିଲିକା କୂଳରେ ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ଶ୍ରଦ୍ଧାଳୁ →












ଭକ୍ତଙ୍କ ପାଇଁ ୨ଟି ଡଙ୍ଗା ଚଳାଚଳର ବ୍ୟବସ୍ଥା ହୋଇପାରିଛି। ଏହି କୂଳରୁ ଭାସରେଇ ପାହାଡ଼କୁ ଦେଖିପାରନ୍ତି। ନଇରୀରୁ –ନାରୁଣୀ ଜାତୀୟ ରାଜପଥକୁ ଆସିଲାପରେ ବାଲୁଗାଁ ଅଭିମୁଖେ ଯିବାବେଳେ କଂସାରି ନଈ ବ୍ରିଜ୍ ପାର ହୋଇ ପହଞ୍ଚିବେ ଆଙ୍ଗୁଲାଛକରୁ ନାଙ୍ଗୁଆ, କ୍ଷେତ୍ରପାଳରେ ରାହାଣବେଲି ଗାଁର ଶେଷକୁ ଆସିଲେ ଦେଖିବେ ଗିରିଗୋବର୍ଦ୍ଧନ ପାହାଡ଼ ପାଦଦେଶରେ ରହିଛି ରାଧାକୃଷ୍ଣ ମନ୍ଦିର। ଏହା ଚିଲିକାର ତଟରେ ଅବସ୍ଥିତ। ସେଠାରୁ ଫେରିବାକୁ ହେବ କୁମ୍ଭୀରପଡ଼ା ଛକ । ଘି–ଖଳା ଗାଁଦେଇ ଚିଲିକା କୂଳରେ ଥିବା ଦୀପ ମୁଣ୍ଡିଆ, କଳିଯୁଗେଶ୍ୱର ମହାଦେବଙ୍କ ମନ୍ଦିର ଦେଖିପାରିବେ । ମନ୍ଦିର, ସୁନ୍ଦର ନଡ଼ିଆ ବାଗନା ଓ ଦ୍ୱୀପପାହାଡ଼ ଯାହା ବ୍ରିଟିଶ ଶାସନ ସମୟରେ ରାତିରେ ଦୀପ ଜଳାଇ ନାବିକମାନଙ୍କୁ ପଥ ପ୍ରଦର୍ଶନ କରାଉଥିଲା। ନିକଟରେ ରହିଛି କଳିଯୁଗେଶ୍ୱରଙ୍କ ପୀଠ। ଏହି ପୀଠ ଉତ୍ତରରେ ଖଣ୍ଡୁଆଳକୋଟ ଗାଁ ଯେଉଁଠି ଅନ୍ନପୂର୍ଣ୍ଣା ଥିଏଟର ଆରମ୍ଭ ହୋଇଥିଲା। ଏଠାରୁ ଜାତୀୟ ରାଜପଥକୁ ଫେରିଲା ପରେ ମାମୁଭଣଜା ପାହାଡ଼ ପଡ଼ିବ। ବାଲୁଗାଁର ଏହା ପ୍ରବେଶପଥ । ନିକଟରେ ରହିଛି ସିଙ୍ଗେଶ୍ୱର ଗାଁ। ତେବେ ଏଠାରେ ହନୁମାନ, ମା'ଦୁର୍ଗା, ମା' ସୀତାଦେବୀଙ୍କ ମନ୍ଦିର ରହିଛି। ପାହାଡ଼ ଶିଖରରୁ ଚିଲିକାର ରୂପବର୍ଣ୍ଣାଳୀ ଦେଖି ହେବ। ତା'ପରେ ବାଲୁଗାଁ ବଜାର ଗାନ୍ଧୀ ଛକଠାରୁ ପୂର୍ବଦିଗରେ ଗଲେ ପଡ଼ିବ ଚିଲିକା କୂଳ। ଏଠାରୁ ଚିଲିକାକୁ ଡଙ୍ଗାରେ ବୁଲିହେବ। ବାଲୁଗାଁରୁ ପୁଣି ରାଜପଥରେ ଦକ୍ଷିଣ ଅଭିମୁଖେ ପ୍ରାୟ ୫କିମି ଆସିଲେ ପଡ଼ିବ ବଡ଼କୂଳ(ବରକୂଳ)। ଏଠାରେ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ ପାନ୍ଥ ନିବାସ ରହିଛି। ଭୁବନେଶ୍ୱରଠାରୁ ଏହାର ଦୂରତା ପ୍ରାୟ ୧୧୦ କିମି । ଏଠାକୁ ଟ୍ରେନ୍‌ରେ ଆସିବା ପାଇଁ ନିକଟରେ ରହିଛି ବାଲୁଗାଁ ରେଳଷ୍ଟେଶନ। ଏଠି ଯାତ୍ରୀନିବସ, ଭାସମାନ ରେଷ୍ଟୁରାଣ୍ଟ, ସରକାରୀ, ବେସରକାରୀ ବୋଟ୍‌ରେ ଭଡ଼ା ତୁଟାଇ ଚିଲିକା ଭିତରକୁ ଭ୍ରମଣ କରିପାରନ୍ତି। ନିକଟରେ ରହିଛି ଚଢ଼େଇ ଗୁହା ପାହାଡ଼। ଚଢ଼େଇଙ୍କ ମଳରେ ମୁଣ୍ଡିଆପଥର ଧବଳ ଦିଶୁଛି। ଏହି ଜେଟିରୁ ଦୂରକୁ ଚାହିଁଲେ ଦେଖିପାରିବେ ଏହି ପାହାଡ଼କୁ। ବରକୁଳ ନିକଟରେ ରହିଛି ଜଟିଆନାସୀ ପାହାଡ଼, ନୌ–ସେନା ତାଲିମ କେନ୍ଦ୍ର ।

**ଗଞ୍ଜାମ ଜିଲାରୁ–:** ନାଭାଲ ଛକ ପାର ହେବା ପରେ ଏଥର ଗଞ୍ଜାମଜିଲା ଆରମ୍ଭ ହେଲା । ଚିଲିକା ଉପକୂଳ ଦେଇ ଯାଇଥିବା ଜାତୀୟ ରାଜପଥରେ ଯିବାବେଳେ ଦୂର ଦିଗ୍‌ବଳୟରୁ ଆକାଶର ମଥା ଛୁଇଁଲାପରି ଦେଖିହେବ ଭାଲେରୀ ପାହାଡ଼ର ପାଦଦେଶ, ଯେଉଁଠାରେ ଅଛନ୍ତି ମା' ନାରାୟଣୀ। ଏବେ ଜାତୀୟ ରାଜପଥରେ ଯାଇ କେଶପୁର ନିକଟସ୍ଥ ଗୋପ କୁଦାରେ ଥିବା କ୍ଷୁଦ୍ର ଶୈବ ପୀଠ ଗୁପ୍ତେଶ୍ୱର ପହଁଚିପାରିବେ। ଖଲ୍ଲିକୋଟ ରେଳ ଷ୍ଟେସନ ଠାରୁ ଏହି ସ୍ଥାନ ୧କିମି ଦୂର। କାଳ କ୍ରମେ ଅଞ୍ଚଳ ବାସୀ ଗୁପ୍ତେଶ୍ୱରକୁ ଏକ କାଠ ପୋଲ ତିଆରି କଲେ ଓ ମାଟି ରାସ୍ତା ନିର୍ମାଣ କରି ସଂଯୋଗ କରାଇଲେ। ଏହି ପୀଠରେ ଏକ ପ୍ରାଚୀନ ମଧୁର ଜଳଭରା ପୁଷ୍କରିଣୀ ରହିଛି, ଯାହାର ମିଠା ଜଳରେ ଦିଅଁଙ୍କ ପାଇଁ ରୋଷେଇ କରାଯାଏ । ଚିଲିକା ଲୁଣିଜଳ ଘେରି ରହିଥିଲେ ସୁଦ୍ଧା ଏଠି ମଧୁର ଜଳ ବାହାରିବା ଲୋକଙ୍କୁ ବିସ୍ମିତ କରେ । ଖଲ୍ଲିକୋଟ ଘାଟି ପାର ହୋଇ ରମ୍ଭାରୁ ପାଲୁର ଜଙ୍କ୍‌ସନଠାରେ ପହଞ୍ଚିବାକୁ ହେବ। ଏଠାରୁ ପ୍ରାୟ ୧୫କିମି ଦୂରରେ ନନ୍ଦଳା ଗାଁ।

**ପୁରୀଜିଲାର ଚିଲିକାତୀରେ–:** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ନନ୍ଦଳା ଗ୍ରାମ, ଯେଉଁଠାରେ ପଦ୍ମଶ୍ରୀ କବି ମାୟାଧର ମାନସିଂଙ୍କ ସ୍ମୃତି ସ୍ମାରକୀ ରହିଛି। ଏହି ରାସ୍ତା ଦେଇ ଦାକ୍ଷିଣତ୍ୟରୁ ପୁରୀକୁ ସେତେବେଳେ କୌଣସି ସଡ଼କପଥ ନ ଥିଲା। ସମୁଦ୍ର ତଣ୍ଡାକିନା ଓ ଚିଲିକା ମୁହାଣ ଥିଲା। ଏବେ ରାସ୍ତା ହୋଇଯାଇଛି। ଏହି ରାସ୍ତାରେ ଯିବାବେଳେ ବାଲିଅଁଳ ଗାଁ ନିକଟରେ ରହିଛି ଏକ ପୁରୁଣା ଚଟିଘର। ଏହା କାଞ୍ଚନବାଈ ଚଟିଘର ଭାବେ ପରିଚିତ। ସେତେବେଳେ ବାଟୋଇମାନେ ଏଠାରେ ବିଶ୍ରାମ ନେଉଥିଲେ। ଚଟିଘରକୁ ଏକ ପୁରୁଣା ବରଗଛ ମାଡ଼ିବସିଛି। ନିକଟରେ ଝାଉଁବଣ, ସମୁଦ୍ର ତଣ୍ଡାକିନା ଓ ଚିଲିକା ତୀର ରହିଛି। ଏଠାରୁ କିଛି ଦୂର ଯିବା ପରେ ଚିଲିକା ନିକଟରେ ରହିଛି ସମୁଦ୍ରର ବେଳାଭୂମି ମାଲୁଦ ଓ ପ୍ରୟାଗର ଏକପୁରୁଣା କେନ୍ଦ୍ରସ୍ଥଳ, ଯେଉଁଠି ସାମୁଦ୍ରିକ କଇଁଛ ଅଣ୍ଡାଦେବାକୁ ଆସିଥାନ୍ତି। ଏହା ଏକ ପିକ୍‌ନିକ୍ ସ୍ପଟ୍। ଏଠାରେ ମହାଦେବଙ୍କ ମନ୍ଦିର ଅବସ୍ଥିତ। ପ୍ରାୟ ୫ କିମି ଦୂର ଯିବା ପରେ ଶ୍ରୀରାମପୁର ପଡ଼ିବ। ଏକ ସରକାରୀ ଡାକବଙ୍ଗଳା ଓ ସୁନ୍ଦର ନଡ଼ିଆ ବାଗନା ସହ ଚିଲିକା ମତ୍ସ୍ୟଜୀବୀଙ୍କ ଡଙ୍ଗା ଖୁବ୍ ସୁନ୍ଦର ଦିଶେ। ଏବେ ମାଲୁଦ ପାର ହୋଇ ଆସି ପହଞ୍ଚିପାରନ୍ତି କୃଷ୍ଣପ୍ରସାଦ ଗଡ଼ରେ। ରାଜା ହରିସେବକ ମାନସିଂଙ୍କ ରହିଛି ଏକ ପୁରାତନ ପ୍ୟାଲେସ୍। ନିକଟରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର । ସେଠାରୁ ତିତିପ ଦେଉଳପଡ଼ା ରାସ୍ତାରେ ଗଲେ ଦେଖିହେବ କମଳେଶ୍ୱରଙ୍କ ପୀଠ । ତା'ପରେ ଏଠାରୁ ସିଧା ଗଲେ ଗୁରୁବାଈ ଚିଲିକା କୂଳରେ ମା' ଚର୍ଚ୍ଚିକା ଠାକୁରାଣୀଙ୍କ ମନ୍ଦିର। ଦଧିବାମନ ମନ୍ଦିର ଓ ଲୋଟଣୀ ବର ନାମରେ ଏକ ପୁରୁଣାମଠ ରହିଛି। ଏବେ ଏଠାରୁ ପ୍ରାୟ ୪ କିମି ଦୂର ଯିବା ପରେ ପଡ଼ିବ ଜହ୍ନୀକୁଦ। ଏଠାକୁ ଚିଲିକାରେ ଭସାପୋଲ ସାତପଡ଼ାରୁ ଯାତାୟାତ କରିଥାଏ। ଅନ୍ୟପକ୍ଷେ ପୁରୀରୁ ୫୦କିମ ଦୂର ହେବ ସାତପଡ଼ା। ବ୍ରହ୍ମଗିରି ଦେଇ ଆସୁଥିବାବେଳେ ବାଟରେ ୨୬କିମି ଦୂରରେ ପଡ଼ିବ କାଠଓ୍ୱାରି ଛକ। ଏଠାରୁ ପ୍ରାୟ ୧କିମି ଦୂର ପଲଙ୍କ ଗାଁ ଦେଇ ଆସିଲେ ମା' ବାଳିହରଚଣ୍ଡୀଙ୍କ ପବିତ୍ର ପୀଠ । ଏହା ଏକ ପିକ୍‌ନିକ୍ ସ୍ପଟ୍। ଏଠାରେ ଝାଉଁ ଓ ଲଙ୍କାଆମ୍ବ ବଣ ରହିଛି। ନିକଟରେ ରହିଛି ସମୁଦ୍ର ବେଳାଭୂମି। ଚିଲିକା ସହିତ ସଂଲଗ୍ନ ଏକ ନଈ ରହିଛି। ସାତପଡ଼ା ଅଭିମୁଖେ ବ୍ରହ୍ମଗିରି ବଜାରଦେଇ ଆସିଲା ବେଳେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରିପାରିବେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଣସରବେଳେ ଅଲାରନାଥଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଥାଏ। ସାତପଡ଼ା ଯିବା ବାଟରେ ଦହିଖିଆ ଛକରୁ ଗବକୁଣ୍ଡ ଗ୍ରାମଦେଇ ଗଲେ ରହିଛି ଭାବକୁଣ୍ଡଳେଶ୍ୱର ଦେବଙ୍କ ପୀଠ। ଏହା ଏକ ପୁରାତନ ଶୈବମନ୍ଦିର। ଏଇଠି ଅଛି ମାଣିକ ପାଟଣା ଗାଁ। ପୁରୀ ଜିଲା ଗେଜେଟିୟର ଅନୁସାରେ ମାଣିକପାଟଣା ଏକ ବନ୍ଦର ଥିଲା। ଏହି ବନ୍ଦରରୁ ସାଧବ ପୁଅମାନେ ବିଦେଶୀକୁ ଯାତ୍ରା କରୁଥିଲେ। ଚିଲିକାର ଆଲୁପାଟଣା ଗ୍ରାମ ନିକଟରେ ରହିଛି ନବଗ୍ରହ ମନ୍ଦିର, ଚଉବରଦେବ ମନ୍ଦିର। ଚଉବର ଗଣ୍ଡରେ ଦେଖିପାରନ୍ତି ଚିଲିକାର ଡଲ୍‌ଫିନ୍‌ଙ୍କୁ। ଚିଲିକା ମୁହାଣ ବୁଲିଯିବା ପୂର୍ବରୁ ଏଠାରେ ଠାକୁରଙ୍କୁ ଦର୍ଶନ କରିହେବ। ଚିଲିକାର ସାତପଡ଼ାକୁ ଓଡ଼ିଶାର ଗୋଆ ବୋଲି କୁହାଯାଏ । ଏଠାରୁ ଚିଲିକା ମୁହାଣ ବୁଲିହେବ । ସାତପଡ଼ା ଚିଲିକା କୂଳରେ ରହିଛି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ଏକ ମ୍ୟୁଜିୟମ । ଚିଲିକା ଓ ମତ୍ସ୍ୟ ସମ୍ପଦ ସମ୍ପର୍କରେ କିଛି ସାମଗ୍ରୀ ଦେଖିପାରିବେ। ଚିଲିକାର ନୀଳ ଜଳରାଶି ଢେଉ ଛୁଇଁ ଛୁଇଁ ବହିଆସୁଥିବା ଶୀତୁଆ ପବନ ସ୍ପର୍ଶରେ ଭିନ୍ନ ଅନୁଭବ ହୁଏ। ଚିଲିକାକୂଳିଆ ଗାଁ ତଟଦେଶରେ ରହିଛି ଏମିତି ଅନେକ ଦର୍ଶନୀୟ ସ୍ଥାନ। ଚିଲିକାର ପ୍ରାକୃତିକ ଶୋଭା, ସୂର୍ଯ୍ୟାସ୍ତ ହେଉ କି ସୂର୍ଯ୍ୟୋଦୟ ଖୁବ୍ ସୁନ୍ଦର ଦିଶେ। ଡଙ୍ଗାରେ ନୁହେଁ ଏସବୁ ଚିଲିକାତୀରରେ ବୁଲିପାରିବେ।

**–ବନବିହାରୀ ବେହେରା**







# ଉଲେନ୍ ଦୁପଟ୍ଟା



**ଶୀତଦିନେ ସ୍ୱେଟର୍ କି ଜ୍ୟାକେଟ୍ ପିନ୍ଧିବା ଝିଅମାନଙ୍କ ପାଇଁ ସ୍ୱାଭାବିକ କଥା। ତେବେ ଯେଉଁମାନେ ଅଫିସ କି କଲେଜକୁ ସାଲୱାର୍ ସୁଟ୍, ଏ ଲାଇନ୍ ଡ୍ରେସ୍, ଲଙ୍ଗ୍ ସ୍କର୍ଟ-ଟପ୍ସ ଅଥବା ଜିନ୍ସ ଆଦି ପିନ୍ଧିକି ଯାଉଛନ୍ତି, ସେମାନେ ଚାହିଁଲେ ଏହି ଆଉଟ୍‌ଫିଟ୍ ଉପରେ ଉଲେନ୍ ଦୁପଟ୍ଟା ଟ୍ରାଏ କରି ଶୀତରେ ଡିଫରେଣ୍ଟ ଲୁକ୍ ପାଇପାରିବେ। ଜାଣନ୍ତୁ ଉଲେନ୍ ଦୁପଟ୍ଟାର କିଛି ଲାଟେଷ୍ଟ ଡିଜାଇନ୍ ସମ୍ପର୍କରେ...**

ଉଲେନ୍ ଦୁପଟ୍ଟା ଦେଖିବାକୁ ଯେମିତି ସୁନ୍ଦର ହୋଇଥାଏ, ଦେହରେ ପକାଇଲେ ଉଷୁମ ବି ସେମିତି ଲାଗିଥାଏ। ବିଶେଷକରି ଏହି ଦୁପଟ୍ଟାରେ ହେଉଥିବା କଶ୍ମୀରୀ ୱାର୍କ, ଥ୍ରେଡ୍ ଏମ୍ବ୍ରୋଡୋରି, ପ୍ରିଣ୍ଟେଡ୍ ପାଟର୍ନ ଏହାକୁ ରୟାଲ୍ ଲୁକ୍ ଦେଇଥାଏ ; ଯାହାକୁ ଝିଅମାନେ ଚାହିଁଲେ ସାଲୱାର୍ ସୁଟ୍ ହେଉକି ଫ୍ରକ୍ ଅଥବା ସ୍କର୍ଟ ବ୍ଲାଉଜ୍ ଉପରେ ପକାଇପାରିବେ ଅଥବା ଜିନ୍ସ ଟପ୍ସ ସହିତ ବି ଷ୍ଟାଇଲ୍‌ରେ କ୍ୟାରି କରିପାରିବେ। କେହି କେହି ଶାଲ୍ ଭଳି ଶାଢ଼ି ଉପରେ ବି ଉଲେନ୍ ଦୁପଟ୍ଟାକୁ ପକାଇ ଭିନ୍ନ ଲୁକ୍ ପାଇବାକୁ ଚେଷ୍ଟା କରିଥାନ୍ତି। ଏହି ଦୁପଟ୍ଟାର ଗୋଟେ ବିଶେଷ ଗୁଣ ହେଉଛି, ଏହା ସବୁ ପ୍ରକାର ଆଉଟ୍‌ଫିଟ୍ ସାଙ୍ଗରେ ପରଫେକ୍ଟ ମ୍ୟାଚ୍ କରିଥାଏ।

**ଉଲେନ୍ ଦୁପଟ୍ଟାର କିଛି ଲୋକପ୍ରିୟ ଡିଜାଇନ୍**

**✲ କଶ୍ମୀରୀ ୱାର୍କ ଉଲେନ୍ ଦୁପଟ୍ଟା:** ବିଶେଷକରି ଗୋଲ୍ଡେନ୍ ଓ କଳା ରଙ୍ଗର ଉଲେନ୍ ସୂତାରେ କଶ୍ମୀରୀ ୱାର୍କ ହୋଇଥିବା ଉଲେନ୍ ଦୁପଟ୍ଟା ଦେଖିବାକୁ ଯେମିତି ସୁନ୍ଦର ହୋଇଥାଏ, ଦେହରେ ପକାଇଲେ ବି ଶୀତରେ ବେଶ୍ ଉଷୁମ ଅନୁଭବ ହୁଏ। ରୟାଲ୍ ଟଚ୍ ଦେଉଥିବା ଏହି ଦୁପଟ୍ଟାକୁ ଶୀତରେ ଝିଅମାନେ ସାଲୱାର୍ ସୁଟ୍ ହେଉ କି ଅନ୍ୟ ଯେ କୌଣସି ଆଉଟ୍‌ଫିଟ୍ ସହିତ ମ୍ୟାଚିଂ କରି ପକାଇ ଅଫିସ ଗଲେ ଆକର୍ଷଣୀୟ ଲୁକ୍ ମିଳେ। ଏହାକୁ ଶାଢ଼ି ସହିତ ବି କ୍ୟାରି କରାଯାଇପାରେ।

**✲ ଥ୍ରେଡ୍ ଏମ୍ବ୍ରୋଡୋରି ୱାର୍କ ଉଲେନ୍ ଦୁପଟ୍ଟା:** ଗୋଲ୍ଡେନ୍ ହେଉକି କନ୍‌ଷ୍ଟ୍ରାଟ୍ କଲର୍‌ର ସୂତାରେ ଏମ୍ବ୍ରୋଡୋରି କାମ ହୋଇଥିବା ଉଲେନ୍ ଦୁପଟ୍ଟା ବି ଖୁବ୍ ଆକର୍ଷକ ଲାଗିଥାଏ। ଏହାକୁ ଯେ କୌଣସି ଆଉଟ୍‌ଫିଟ୍ ସାଙ୍ଗରେ ଝିଅମାନେ ମ୍ୟାଚିଂ କରି ପିନ୍ଧିପାରିବେ।

**✲ ପ୍ରିଣ୍ଟେଡ୍ ଡିଜାଇନ୍:** ଫ୍ଲୋରାଲ୍, ଜ୍ୟାମେଟ୍ରିକ୍ ଅଥବା ସେଲ୍ଫ ପ୍ରିଣ୍ଟ ବାଲା ଉଲେନ୍ ଦୁପଟ୍ଟା ଶୀତଦିନେ କାଜୁଆଲ୍ ଲୁକ୍ ହେଉ କି ଫେଷ୍ଟିଭ୍ ଲୁକ୍ ପାଇଁ ଏକ ବେଷ୍ଟ ଅପ୍ସନ ହୋଇଥାଏ।

**✲ ପଶମିନା ଉଲେନ୍ ଦୁପଟ୍ଟା:** ପଶମିନା ଫାବ୍ରିକ୍‌ର ଉଷୁମ ଦୁପଟ୍ଟା ଆଉ ଏହାର ୟୁନିକ୍ ଡିଜାଇନ୍ ଏହାକୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଥାଏ। ଆଉ ଯଦି ଏଥିରେ ହାଲୁକା ଥ୍ରେଡ୍ ୱାର୍କ ହୋଇଥାଏ, ତା'ହେଲେ ଏହାର ଆକର୍ଷଣ ଦ୍ୱିଗୁଣ ବଢ଼ିଯାଏ। ଏହି ଟାଇପ୍‌ର ଦୁପଟ୍ଟା ଝିଅମାନଙ୍କୁ ଟିକେ ସମ୍ଭ୍ରାନ୍ତ ଲୁକ୍ ଦେଇଥାଏ।

**✲ ଆନିମଲ୍ ପ୍ରିଣ୍ଟ ଉଲେନ୍ ଦୁପଟ୍ଟା:** ଆନିମଲ୍ ପ୍ରିଣ୍ଟର ଡିମାଣ୍ଡ ସବୁବେଳେ ରହିଆସିଛି। ଏହି ପ୍ରିଣ୍ଟର ଉଲେନ୍ ଦୁପଟ୍ଟା ବି ମିଳୁଛି। ବିଶେଷକରି ହାତୀ ଡିଜାଇନ ଉଲେନ୍ ଦୁପଟ୍ଟାର ଟ୍ରେଣ୍ଡ ଏବେ ଖୁବ୍ ରହିଛି। ଏହି ଦୁପଟ୍ଟା ପକାଇ କେଉଁଠିକି ଗଲେ ଭିଡ଼ ଭିତରେ ବି ଏହା ବାରି ହୋଇଯାଏ। ଶୀତଦିନେ ଅଫିସ ଲୁକ୍ ପାଇଁ ଏହା ପରଫେକ୍ଟ ହୋଇଥାଏ।

**✲ ମଲ୍ଟିକଲର୍ କଲମକାରୀ ଉଲେନ୍ ଦୁପଟ୍ଟା:** ଏହି ଟାଇପ୍‌ର ଦୁପଟ୍ଟାକୁ ଯେ କୌଣସି କଲର୍‌ର ଆଉଟ୍‌ଫିଟ୍ ସାଙ୍ଗେ ଆରାମରେ କ୍ୟାରି କରାଯାଇପାରେ। ବିଶେଷକରି ହ୍ୟାଣ୍ଡଲୁମ୍ ଆଉଟ୍‌ଫିଟ୍‌କୁ ଏହା ପରଫେକ୍ଟ ମ୍ୟାଚ୍ କରିଥାଏ।

**କିଛି ଟିପ୍ସ**

-ଶୀତଦିନେ କିଛି ଫ୍ୟାମିଲି ଫଙ୍କଶନ୍ ଅବା ପୂଜାପର୍ବ ଥିଲେ, ସେ ସମୟ ପାଇଁ ଟିକେ ହେଭି ୱାର୍କବାଲା ଉଲେନ୍ ଦୁପଟ୍ଟା ଟ୍ରାଏ କରିପାରିବେ।

- ଆଉ ରେଗୁଲାର୍ ଲୁକ୍ ପାଇଁ ପ୍ରିଣ୍ଟେଡ୍ ଅବା ସିମ୍ପଲ ଏମ୍ବ୍ରୋଡୋରି କାମ ହୋଇଥିବା ଉଲେନ୍ ଦୁପଟ୍ଟା ଟ୍ରାଏ କରିବା ବେଷ୍ଟ ଅପ୍ସନ ହୋଇଥାଏ।










# କୁଞ୍ଜ ବିହାରୀଙ୍କ ଜୀବନ ପରିଧି













ପ୍ରଖ୍ୟାତ ସାହିତ୍ୟିକ, ସମ୍ପାଦକ ସ୍ୱର୍ଗୀୟ ସାତକୋଡ଼ି ହୋତା ତାଙ୍କର ଗଳ୍ପ ସମ୍ପର୍କରେ ମତ ବ୍ୟକ୍ତ କରି କହିଛନ୍ତି, ଅନୁଭୂତି ଆଧାରିତ ଗଳ୍ପଗୁଡ଼ିକ ନିଛକ ଜୀବନବୋଧର ପ୍ରତୀକ । ଜଣେ ସଚ୍ଚୋଟ ବ୍ୟାଙ୍କ ଅଫିସର ଭାବରେ ସେ କାର୍ଯ୍ୟ କରି ମୁଖ୍ୟ ପରିଚାଳକ ହିସାବରେ ଅବସର ନେଇଛନ୍ତି ଡିସେମ୍ବର ୩୧ ତାରିଖ ୨୦୦୬ ମସିହାରେ । ବ୍ୟାଙ୍କର ହିସାବ କିତାବର ଊର୍ଦ୍ଧ୍ୱରେ ତାଙ୍କ ଭିତରେ ଥିବା ସର୍ଜକର ସତ୍ତା ଖୁବ୍ ନିଷ୍ଠାପର ଭାବରେ ସାହିତ୍ୟ ସେବାରେ ବ୍ରତୀ ରହିଛି ଯାହା ତାଙ୍କୁ ଅନ୍ୟ ଅନେକଙ୍କଠାରୁ ସ୍ୱତନ୍ତ୍ର କରିଛି । ଦାପ୍ତରିକ, ପାରିବାରିକ ଦାୟିତ୍ୱ ଭିତରୁ ସମୟ ବାହାର କରି ସେ ନିଜ ଆତ୍ମା ପାଇଁ ସାନ୍ତ୍ୱନା ଖୋଜିଛନ୍ତି ଲେଖାଲେଖିରେ । ବ୍ୟାଙ୍କ ସେବାରୁ ଅବ୍ୟାହତି ନେଲା ପରେ ସେ ନିଜକୁ ପୂର୍ଣ୍ଣ ପ୍ରାଣରେ ସମର୍ପି ଦେଇଛନ୍ତି ସାହିତ୍ୟ କ୍ଷେତ୍ରରେ । ଲେଖିଛନ୍ତି ଅପର୍ଯ୍ୟାପ୍ତ ଗଳ୍ପ, ଉପନ୍ୟାସ, କବିତା ଓ ଭ୍ରମଣ କାହାଣୀ । ତାଙ୍କ ସବୁ ଲେଖା ମୂଳରେ ଅଛି ବ୍ୟକ୍ତିଗତ ଅଭିଜ୍ଞତାକୁ ସାର୍ବଜନୀନ କରିବାର ମଧୁର ପ୍ରୟାସ । ତାଙ୍କ ସାଧନାକୁ ବିଳମ୍ବରେ ହେଲେ ବି ସମ୍ମାନ ଜଣେଇଛି ଓଡ଼ିଆ ସାହିତ୍ୟ ଏକାଡେମୀ ଭଳି କିଛି ବିଶିଷ୍ଟ ସଂସ୍ଥା । ସାହିତ୍ୟ କୃତି ପାଇଁ ତାଙ୍କୁ ମିଳିଛି ଅନେକ ସମ୍ମାନ, ସମ୍ବର୍ଦ୍ଧନା ଓ ଆନୁଷ୍ଠାନିକ ଆଦର । ଏସବୁ କାର୍ଯ୍ୟ ପଛରେ ଦୃଢ଼ ପ୍ରେରଣା ହୋଇ ଠିଆ ହୋଇଛନ୍ତି ଧର୍ମପତ୍ନୀ ଶୁଭ୍ରା ଏବଂ ଦୁଇ ସୁକନ୍ୟା ଚନ୍ଦ୍ରାବତୀ ଓ ଚିତ୍ରଲେଖା । ବ୍ୟାଙ୍କର ବୃତ୍ତି ଓ ସାହିତ୍ୟିକ ପ୍ରବୃତ୍ତି ଭିତରେ ସମନ୍ୱୟ ରଖି ନିଜକୁ ଯଶସ୍ୱୀ କରିପାରିଥିବା ଏହି ବ୍ୟକ୍ତି ହେଉଛନ୍ତି **କୁଞ୍ଜ ବିହାରୀ ପାଢ଼ୀ** । ଜଣେ ବ୍ୟାଙ୍କରଠାରୁ ଆରମ୍ଭ କରି ସାହିତ୍ୟିକର ଜୀବନ ପର୍ଯ୍ୟନ୍ତ ତାଙ୍କ ଅନ୍ତର୍ଜଗତର ଯାତ୍ରା ସତତ ପ୍ରଶଂସନୀୟ ।

କୁଞ୍ଜବିହାରୀଙ୍କ ଜନ୍ମ ହୁଏ ମୟୂରଭଞ୍ଜ ଜିଲା ସ୍ଥିତ ଜାମୁବଣୀ ଗ୍ରାମରେ ୧୯୪୬ ମସିହା ଅଗଷ୍ଟ ୨୨ରେ । ବାପା ଦିବାକର ପାଢ଼ୀ ବୃତ୍ତିରେ ଥିଲେ ସିନା କୃଷକ ବାସ୍ତବ କ୍ଷେତ୍ରରେ ଥିଲେ ଜଣେ ମାଟିର ମଣିଷ । ଉଭୟ ବାପା ଓ ମା' ସୁବାସିନୀ ପାଢ଼ୀ ସରଳ ଗ୍ରାମ୍ୟ ଜୀବନରୁ ମହତ୍ତର ଜୀବନର ସାଧନା ପାଇଁ ଯାହା କିଛି ସମ୍ବଳ ଥିଲା ସେସବୁର ବିନିଯୋଗ କରି କୁଞ୍ଜବିହାରୀଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ପ୍ରୟାସ ଜାରି ରଖିଥିଲେ । ନିଜ ଗାଁର ନିମ୍ନ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷା ଆରମ୍ଭ କରିଥିବା କୁଞ୍ଜବିହାରୀଙ୍କ ଅମାପ ଜ୍ଞାନ ତୃଷ୍ଣା ତାଙ୍କୁ ଜଣେ ମେଧାବୀ ଛାତ୍ରର ପରିଚୟ ଦେଇଥିଲା । ବାପା ଥିଲେ ତାଙ୍କ ପ୍ରେରଣାର ଉତ୍ସ । ତାଙ୍କ କୋମଳ ଶିଶୁ ହୃଦୟରେ ସୁନ୍ଦର ଶୃଙ୍ଖଳାର ଜ୍ଞାନ ବାପା ହିଁ ଭରି ଦେଇଥିଲେ ବୋଲି ସେ କୁହନ୍ତି । ବାଣୀବିହାରରେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରି ସେ ବ୍ୟାଙ୍କସେବାରେ ଯୋଗ ଦେଇଥିଲେ । ଛାତ୍ର ଜୀବନରେ ଯୋଡି ହୋଇଛନ୍ତି ଏନ୍‌ସିସି ସହିତ । ଯୋଗ ଦେଇଛନ୍ତି ରାଜ୍ୟ ବାହାରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପ୍ରଶିକ୍ଷଣ ଶିବିରରେ । ଏସବୁରେ ଯୋଗ ଦେଇ ସେ ନିଜ ଅଭିଜ୍ଞତାକୁ ସମ୍ପ୍ରସାରିତ କରିଛନ୍ତି ବୋଲି କୁହନ୍ତି । ଅବସର ପରର ସୀମିତ ଜୀବନ ମଧ୍ୟରେ କୁଞ୍ଜବିହାରୀ କରିଛନ୍ତି ଅପ୍ରମିତ ସାହିତ୍ୟ ସାଧନା । ଲେଖିଛନ୍ତି ନଅ ଖଣ୍ଡ ଉପନ୍ୟାସ, ଆଠ ଗୋଟି କ୍ଷୁଦ୍ରଗଳ୍ପ ସଂକଳନ, ତିନି ଖଣ୍ଡ କବିତା ସଂକଳନ, ଗୋଟିଏ ଗୀତି କବିତା ସଂକଳନ ଏବଂ 'ବ୍ୟାଙ୍କକ ଭ୍ରମଣ' ନାଁରେ ଖଣ୍ଡେ ଭ୍ରମଣ କାହାଣୀ । ତାଙ୍କ ରଚିତ ଉପନ୍ୟାସ ମଧ୍ୟରେ 'ଥରେ ମୋତେ ମା' ବୋଲି ଡାକ', 'ଏକ ଭିନ୍ନ ମଣିଷ', 'କେବେ ତୁମେ ଏକା କେବେ ମୁଁ ଏକା', 'ନରରାକ୍ଷସ', 'ରାଜ ତରଙ୍ଗିଣୀ', 'ଅରଣ୍ୟର ଆଶା', 'ପ୍ରେମର ପରିଭାଷା', 'ପ୍ରେମ ହଜିଗଲା ଗଙ୍ଗା ଘାଟରେ', 'ପ୍ରେତାତ୍ମାର କରୁଣ ବିଳାପ ଇତ୍ୟାଦି ରହିଛି । କ୍ଷୁଦ୍ରଗଳ୍ପ ସଂକଳନରେ 'ଆମରି ଗାଁ କଥା ଏବେ ବି ମନେପଡ଼େ, 'ଅଭୁଲା କାହାଣୀ', 'ଅଭୁଲା ସ୍ମୃତିରୁ କେତୋଟି ଖିଅ', କାହାଣୀ ଅର୍ଦ୍ଧସତ୍ୟର, 'କାହାଣୀ ନୂଆ ପୁରୁଣା', 'କାହାଣୀ ଜଣାଅଜଣା', 'ମାନବ ଧର୍ମ ଓ ଅନ୍ୟାନ୍ୟ ଗଳ୍ପ', 'ବାପାଙ୍କ କାହାଣୀ' ଓ 'ଅନ୍ୟାନ୍ୟ ଗଳ୍ପ' । କବିତା ସଙ୍କଳନରେ ରହିଛି 'ମୁକ୍ତ ବିହଙ୍ଗ', 'ମୋ ପ୍ରିୟା', 'ମନ ଝୁରେ ଝୁରେ ମନ' ଆଦି । କୁଞ୍ଜ ବିହାରୀ କୁହନ୍ତି, 'ମୋ ଲେଖାଲେଖି ଆରମ୍ଭ ହୋଇଥିଲା ଅଷ୍ଟମ ଶ୍ରେଣୀରୁ ତାହା ପୁଣି କବିତା ଲେଖାରୁ । ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲାବେଳେ ବାର୍ଷିକ ମୁଖପତ୍ର ଭଞ୍ଜପ୍ରଭାରେ ପ୍ରକାଶ ପାଇଥିଲା ମୋ ପ୍ରଥମ ଗଳ୍ପ । ସାଙ୍ଗସାଥୀମାନେ ପ୍ରଶଂସା କରିଥିଲେ । ମୁଁ ପ୍ରତ୍ୟକ୍ଷ ଛାତ୍ର ଥିଲି ମହାପାତ୍ର ନୀଳମଣି ସାହୁଙ୍କର । ତେଣୁ ପ୍ରଭାବିତ ହୋଇଥିଲି ତାଙ୍କ ଲେଖକୀୟ ବ୍ୟକ୍ତିତ୍ୱରେ ।' ୨୦୧୦ରେ ପ୍ରକାଶ ପାଇଥିବା କୁଞ୍ଜବିହାରୀଙ୍କ ପ୍ରଥମ ବହି 'ଆମରି ଗାଁ କଥା ଏବେ ବି ମନେ ପଡ଼େ'ର ମୁଖବନ୍ଧ ଲେଖିଥିଲେ ତାଙ୍କ ଶିକ୍ଷାଦାତା ବିଶିଷ୍ଟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ । ଲେଖାଲେଖି ପ୍ରତି ଆଗ୍ରହ କେମିତି ତିଆରି ହେଲାର ଉତ୍ତରରେ ସେ ହସି ହସି କୁହନ୍ତି, 'କାହ୍ନୁ ମହାନ୍ତିଙ୍କ 'ବାଲିରାଜା', ସୁରେନ୍ଦ୍ର ମହାନ୍ତିଙ୍କ 'ଅନ୍ଧ ଦିଗନ୍ତ', ମହାପାତ୍ର ନୀଳମଣି ସାହୁଙ୍କର 'କପୋତ ପକ୍ଷୀ ଗୁରୁ ମୋର' ପଢ଼ିଲା ପରେ ମୋତେ ଲାଗିଲା ମୁଁ କାହିଁ ନ ଲେଖିପାରିବି ଏବଂ ସେହି ଆତ୍ମବିଶ୍ୱାସର ସହାୟତାରେ ଲେଖିବା କାର୍ଯ୍ୟଟିକୁ ଗଭୀର ନିଷ୍ଠା ସହକାରେ କରିଯାଉଥିଲି । ଦାପ୍ତରିକ କାର୍ଯ୍ୟ ପରେ ବ୍ୟକ୍ତିଗତ କାର୍ଯ୍ୟ ଯାହା ସବୁ ବଳକାଥାଏ ତାକୁ ଶୃଙ୍ଖଳିତ ଭାବରେ ସମ୍ପାଦନ କରି ମୁଁ ବିଳମ୍ବିତ ରାତି ଯାଏ ଲେଖେ । ମୋତେ ଲାଗେ ଯେମିତି ମୁଁ ଜଣେ ଛାର ଷ୍ଟେନୋଗ୍ରାଫର ଯାହାକୁ ନିର୍ଦ୍ଦେଶ ଦେଇ ଲେଖେଇ ନିଅନ୍ତି ବିଦ୍ୟାଦାତ୍ରୀ ସରସ୍ୱତୀ । ବିଳମ୍ବିତ ରାତିରେ ଲେଖିଥିବା ଲେଖାଟିକୁ ମୁଁ ସକାଳୁ ଉଠି ଆଉ ଥରେ ପଢ଼େ ଏବଂ ସଜାଏ ।' ମହାପାତ୍ର ନୀଳମଣି ସାହୁ ହୁଅନ୍ତୁ କି ଶାନ୍ତନୁ ଆଚାର୍ଯ୍ୟ ଅଥବା ସାତକଡ଼ି ହୋତା କୁଞ୍ଜବିହାରୀଙ୍କୁ ସଦା ସର୍ବଦା ଉତ୍ସାହିତ କରୁଥିଲେ ଗଦ୍ୟ ସାହିତ୍ୟରେ କାମ କରିବାକୁ, ଯାହାକୁ ନିର୍ବାହ କରିବାରେ ସେ ଦିନରାତି ଏକ କରିଦେଉଥିଲେ ବୋଲି ଅଙ୍ଗୀକାର କରନ୍ତି ।

ନିଜର ସାହିତ୍ୟ ସାଧନା ପାଇଁ ସେ ଅର୍ଜନ କରିଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ସାରସ୍ୱତ ସମ୍ବର୍ଦ୍ଧନା, କଳିଙ୍ଗ ପୁସ୍ତକମେଳା ତରଫରୁ ସାହିତ୍ୟ ଗୌରବ ସମ୍ମାନ, ସାହିତ୍ୟ ସ୍ୱର୍ଣ୍ଣ ପୁରସ୍କାର, ପୂଜ୍ୟପୂଜା ସାରସ୍ୱତ ସମ୍ମାନ, ଗୋଦାବରୀଶ ସାହିତ୍ୟ ସଂସଦ, ଭୁବନେଶ୍ୱର ତରଫରୁ ସାରସ୍ୱତ ସମ୍ମାନ, ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟ ପ୍ରଦତ୍ତ ସାରସ୍ୱତ ସମ୍ମାନ, ସାରସକଣା, ମୟୂରଭଞ୍ଜରୁ ନନ୍ଦିଘୋଷ ସାହିତ୍ୟ ସମ୍ମାନ ଭଳି ଅନେକ ପୁରସ୍କାର ଓ ମାନସମ୍ମାନ ।

– ମାନମୟୀ ରଥ
*ଅଧ୍ୟକ୍ଷା, ସେଣ୍ଟ ଜାଭିଅର କିଡ୍ସ, ବାଲିପୁଟ, ପୁରୀ*
*ମୋ:୭୯୭୮୫୭୯୩୯୯*





# ନୂଆ ବର୍ଷ ଓ ବାପା

**-ସୁଜାତା ଷଡ଼ଙ୍ଗୀ**

ନୂଆ ବର୍ଷ ପାଇଁ ପ୍ରସ୍ତୁତି ଚାଲିଛି ସମସ୍ତଙ୍କ ଘରେ। ଶୀତଦିନର ସନ୍ଧ୍ୟା ଟିକିଏ ଜଲଦି ଆସିଯାଇଛି। ଶୀତୁଆ ପରିବେଶ, କବାଟ ଝରକା ସବୁ ବନ୍ଦ ଅଛି। ମୋର ଦେହ ଭଲ ନ ଥିଲା ବୋଲି ମୁଁ ବିଶ୍ରାମ ନେଉଥିଲି। ସେତିକି ବେଳେ କଲିଂ ବେଲ୍ ବାଜିଲା। ମୁଁ ଯାଇ କବାଟ ଖୋଲି ଦେଖେ ଜଣେ ବୟସ୍କ ଲୋକ ଖୁବ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ଘର ବାହାର ପୋର୍ଟିକୋରେ। ମୋତେ ଦେଖି ବଡ଼ ପାଟିରେ କହିଲେ, ମା' ମୁଁ ଭୁବନେଶ୍ୱରରୁ ଆସିଛି। ବହୁ ଖୋଜି ଖୋଜି ଏଠାରେ ପହଞ୍ଚିଲି। ତୁମ ବାବା ମୋର ବନ୍ଧୁ। ଆମେ ମିଶିକରି ଭୁବନେଶ୍ୱରରେ ଚାକିରି କରୁଥିଲୁ। ପୂର୍ବରୁ ଥରଟିଏ ଆସିଥିଲି ତାଙ୍କ ପାଖକୁ। କିନ୍ତୁ ଆଜି ଠିକ୍ ଭାବରେ ଘରଟିକୁ ଜାଣିପାରୁନି। ବାବାଙ୍କୁ କୁହ ବୈରାଗୀ ଆସିଛି। ମୋତେ ସେ ଚିହ୍ନି ପାରିବେ। ଏତକ ଶୁଣିଲା ପରେ ମୁଁ ଲକ୍ଷ୍ୟ କଲି, ଆଗନ୍ତୁକ ଜଣକ ମୋ ବାପାଙ୍କ ବୟସରୁ ଟିକେ ଅଧିକ ଲାଗୁଥିଲେ। ସେ ମୋ ପାଇଁ ସମ୍ପୂର୍ଣ୍ଣ ଅଜଣା ଅଚିହ୍ନା ଥିଲେ। ନିହାତି ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସ ହୋଇଥିବା ସେହି ମଣିଷଙ୍କ ସାଥିରେ ଜଣେ ମଧ-ବୟସ୍କ ବ୍ୟକ୍ତି ଥିଲେ। ସେ ବି ଅପରିଚିତ ମନେହେଉଥିଲେ। ନିଜ ବାଇକରେ ନେଇ ଆସିଛନ୍ତି ବୃଦ୍ଧ ବ୍ୟକ୍ତିଙ୍କୁ ଷ୍ଟେଶନଠାରୁ । ବିଚରା ଠିକଣା ଖୋଜି ଖୋଜି ବାଟବଣା ହୋଇଯାଇଥିଲେ । ନିଜ ବାପା ବୟସର ମଣିଷଙ୍କୁ ହନ୍ତସନ୍ତ ହେବା ଦେଖି ସହି ପାରି ନ ଥିଲେ । ନିଜ ବାଇକରେ ବସେଇ ସେ ଖୋଜୁଥିବା ବନ୍ଧୁଙ୍କୁ ଖୋଜି ଖୋଜି ଏବେ ଆମ ଘରେ ପହଞ୍ଚିଛନ୍ତି । ତାଙ୍କଠାରୁ ମୁଁ ଜାଣିବାକୁ ପାଇଲି ଏ ବୃଦ୍ଧ ବ୍ୟକ୍ତି ଜଣକ ତାଙ୍କର ଅତିପ୍ରିୟ ପୁରାତନ ବନ୍ଧୁଙ୍କର ସନ୍ଧାନରେ ଆସିଛନ୍ତି। କିନ୍ତୁ ସେ ଖୋଜୁଥିବା ବ୍ୟକ୍ତିଙ୍କ ଠିକଣାକୁ ମନେ ପକାଇ ପାରୁନାହାନ୍ତି।

ଏ କଥା ଶୁଣି କିଛିକ୍ଷଣ ପାଇଁ ମୁଁ ଏକ ପ୍ରକାର ଅନ୍ୟମନସ୍କ ହୋଇପଡ଼ିଲି । ମୋର ଦିବଂଗତ ବାପାଙ୍କ କଥା ମନେପଡ଼ିଗଲା। ଛାତି ଭିତର କୋରି ହୋଇଗଲା ଯେମିତି। ଆପେ ଆପେ ମୋର ଆଖିରୁ ଲୁହ ଜକେଇ ଆସିଲା। ମୋ ବାପା ଦୀର୍ଘ ଦିନ ହେଲା ଦୁନିଆ ଛାଡି ଚାଲି ଗଲେଣି। ସତରେ ବାପାଙ୍କ ବିନା ଜୀବନଟା ଯେମିତି ଲାଗେ ଗୋଟିଏ ଛାତ ନ ଥିବା ଘର। ବାପାଙ୍କ ସେଇ ସ୍ନେହ, ଶ୍ରଦ୍ଧା, ଆଦର ଆଉ ଆକଟ କୋଉଠୁ ମିଳିବ ! ଅନେକ କଥା ଏମିତି ସବୁ ଗୋଟିଏ ମୁହୂର୍ତ୍ତ ଭିତରେ ମନକୁ ଆନ୍ଦୋଳିତ କରିପକାଇଲା। ମୋ ବାପାଙ୍କ ମୁହଁରେ ସଦାବେଳେ ଝଲସି ଉଠୁଥିବା ହସ କେରାଏ ଲାଖିଥିଲା ଭଳି ସେଇ ବୟସ୍କ ବ୍ୟକ୍ତିଙ୍କ ମୁହଁରେ ସେମିତି ହସ ଝଟକୁ ଥାଏ। ଠିକ୍ ମୋ ବାପାଙ୍କ ମୁହଁକୁ ଦେଖିଲା ଭଳି ମୋର ମନେହେଲା। ବିଦାୟୀ ବର୍ଷରେ ବନ୍ଧୁଙ୍କୁ ଭେଟିବାକୁ ଏକୁଟିଆ ପଳେଇ ଆସିଛନ୍ତି ସହର ଡେଇଁ ଆଉ ଗୋଟିଏ ସହରକୁ ବନ୍ଧୁଙ୍କ ଭରସାରେ । ଏବେ ଯିବେ କୁଆଡେ ! ରାତି ହେଇଯିବ । ମୋ ବାପା ନାହାନ୍ତି ଏବଂ ତାଙ୍କ ବନ୍ଧୁ ଘର ଏଇଟି ନୁହେଁ ଜାଣି ଫେରିଲା ବେଳକୁ ତାଙ୍କ ମୁହଁ ଶୁଖି ଯାଇଥିଲା । ସେ ବାଇକରେ ବସିପାରୁ ନ ଥିଲେ ମୁଁ ଯାଇ ତାଙ୍କୁ ବସିବାରେ ସାହାଯ୍ୟ କଲି। ସେଇ ସମୟରେ ତାଙ୍କ ଚପଲଟି ତାଙ୍କ ପାଦରୁ ଖସି ପଡ଼ିଲା। ମୁଁ ଚପଲଟିକୁ ତାଙ୍କ ପାଦରେ ପିନ୍ଧାଇ ଦେଇ ଦେଖିଲି ତାଙ୍କ ଗୋଡ଼ ଠିକ୍ ମୋ ବାପାଙ୍କ ଗୋଡ଼ ପରି । ମୁଁ ଟିକେ ଆଉଁଶି ଦେଲି ତାଙ୍କ ପାଦକୁ । ସେ ମୋ ମୁଣ୍ଡରେ ହାତ ରଖିଲେ ଆଶୀର୍ବାଦ ମୁଦ୍ରାରେ । ଯେମିତି ମୋର ବାପାଙ୍କ ଆଶୀର୍ବାଦର ହାତ ମୋ ମୁଣ୍ଡ ଉପରେ ବୁଲିଆସେ ଠିକ୍ ସେଇପରି ମୁଁ ଅନୁଭବ କଲି। ଲୁହ ଭର୍ତ୍ତି ଆଖିରେ ପ୍ରଣାମ ଜଣାଇଲି। ବାଇକ ଚଳାଉଥିବା ବ୍ୟକ୍ତିଙ୍କୁ କହିଲି, ଭାଇ ଠିକଣା ନ ପାଇଲେ ଏଇ ଶୀତ ରାତିରେ ଛାଡ଼ି ଦେବନି ବାପାଙ୍କୁ । ଆମ ଘରକୁ ନେଇ ଆସିବ । ସେ ହସିଲେ, ଛୋଟ ସହରଟିରେ କେତେ ଅବା ସମୟ ମିଳିବ ଠିକଣା ଖୋଜିବାକୁ ! ନ ମିଳିଲେ ମଉସା ଆମ ସହ ଜିରୋ ନାଇଟ ସେଲିବ୍ରେଟ କରିବେ । ଆମର ସେ ଆଜି ପାଇଁ ସ୍ୱତନ୍ତ୍ର ଅତିଥି ହୋଇଯିବେ। ଆମେ ତାଙ୍କର ଯତ୍ନ ନେବୁ । ଏତକ ଶୁଣିଲା ପରେ ବାପାଙ୍କ ଭଳି ମଣିଷ ଜଣକ ମୁହଁରେ ହସର ପାଖୁଡ଼ା ଯେମିତି ଖୋଲିଗଲା। ମନଟି ଅହେତୁକ ଆନନ୍ଦରେ ପୂରିଉଠିଲା ମୋର । ମନେ ମନେ ପ୍ରଭୁଙ୍କୁ ଜଣାଇଲି ପ୍ରଭୁ, ବାପାଙ୍କ ଇଚ୍ଛା ପୂରଣ ହେଉ।

*-ଚକରା ବିଷୋୟୀ ଛକ, ଅଭିପ୍ସା କଟେଜ*
*ଭଞ୍ଜନଗର, ଗଞ୍ଜାମ, ମୋ:୯୪୩୯୩୨୪୫୫୭*

# ମୋ ସହରର ଶୀତ

**-ଧରଣୀଧର ତ୍ରିପାଠୀ**

ମୋ ସହରର ଶୀତ
କୁହୁଡ଼ିର ଧୂସର ବଗିଚାରେ
ନାଲି ରଙ୍ଗର ରଙ୍ଗଣି ଫୁଲରେ
ନିଜକୁ ସଜାଇ ଦେଇ
କାହାକୁ ସେ ଖୋଜେ ଏଠି
କିଛି ବୁଝାପଡେନି।
ଖିଲିଖିଲି ସକାଳର ଭିଜାଭିଜା କାକରରେ
ନିଆଁ ପୋଇଁବା ନାଁରେ
କେତେ ଯେ ପ୍ରେମ ଆଉ ପରଶର
ଭଗ୍ନାଂଶ ଜଟିଳ ହୁଏ,
କିଛି ବୁଝା ପଡ଼େନି।
ମୋର ସେ ଅଧା କପ୍ ଚା'ର ଧୂଆଁରେ
ସବୁକିଛି ଝାପ୍‌ସା ଲାଗେ,
ତୁମେ ଆସୁଛ ବୋଲି
ମୋ ପ୍ରତୀକ୍ଷାଟା ଶେଷ ହୁଏ।
କିନ୍ତୁ ମୋ ସହରର ଶୀତ
ସ୍ୱପ୍ନର ଯାଦୁଘର ସାଜି
ତୁମକୁ ଉଡ଼େଇ ଦିଏ।
ତୁମେ ବି ଅନ୍ତର୍ଦ୍ଧାନ ହୋଇଯାଅ !
ମୋ ସହରର ଶୀତ
ଆବେଗ ବିହୀନ ଋତୁର ଚକ୍ରାନ୍ତରେ
ତୁମକୁ ବି ଲୁଚାଇଦିଏ
କି ତୁମେ ଲୁଚିଯାଅ
କିଛି ବୁଝା ପଡ଼େନି।

*-ନୂଆଦିଲ୍ଲୀ, ମୋ: ୯୮୧୯୫୫୦୨୭୯*

# କଥା ଦେଇଥିଲା

**-ଦୀପ୍ତିମୟୀ ଶତପଥୀ**

କଥା ଦେଇଥିଲା ସେଦିନ ପଚିଶ
ଥିରିଥିରି ପବନରେ,
ନିଇତି ଆସିବ ଗଭା ସାଜିଦେବ
ଭଳିଭଳି ରଙ୍ଗଫୁଲେ।
କଥା ତା' ହୋଇଲା ଆକାଶର ତରା
ବରଷଟେ ଚାଲିଗଲା,
ମିଠାମିଠା କେତେ ଜୋଛନାର ରାତି
ଉଦାସେ ଲେଉଟିଗଲା।
ଢଳିଢ଼ଳି ଗଲା ନହୁଲି ବୟସ
ରଙ୍ଗ ପଡ଼ିଗଲା ଫିକା,
ଗୋପନେ ମୋ ମନେ ସପନ ଜଗାଇ
କରିଦେଲା ଅଣଦେଖା।
ସପନ ରାଇଜ କେତେଦୂର ପୁଣି
ଛବିଶକୁ ତାହା ଜଣା,
ତା' ହାତ ଅଙ୍କରେ ମୋ ଆଶାର ସୂତା
କରିବନି ବାଟବଣା।

– ବ୍ରହ୍ମପୁର

# କେବଳ କରୀନା ହିଁ ବେଷ୍ଟ




କରୀନା

କରୀନା କପୁର ଏବେ ଏକ ନୂଆ ସିନେମାର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହାର ଟାଇଟଲ ରହିଛି 'ଦାୟରା'। ଖାସ୍ କଥା ହେଲା ଏହାକୁ ମେଘନା ଗୁଲଜାର ନିର୍ଦ୍ଦେଶନା ଦେଇଛନ୍ତି। ମେଘନା ଯେତେବେଳେ ଏହାର କାହାଣୀ ଫାଇନାଲ କଲେ ସେତେବେଳେ ଏହାର ଲିଡ୍ ରୋଲ୍‌ରେ କାହାକୁ ସାଇନ୍ କରିବେ ସେ ନେଇ ଟିକେ ଦ୍ୱନ୍ଦ୍ୱରେ ପଡିଥିଲେ। ହେଲେ ଠିକ୍ ବେଳକୁ ତାଙ୍କ ମନକୁ କରୀନାଙ୍କ କଥା ଆସିଲା। ବାସ୍, ତା'ପରେ ସତେ ଯେମିତି ତାଙ୍କୁ ଖୋଜିଲା ଚିଜ ମିଳିଗଲା। ଏ ନେଇ କରୀନା କହନ୍ତି, ''ଯେତେବେଳେ ମୋତେ ମେଘନା ମ୍ୟାଡାମ ଏହି ଫିଲ୍ମ ବିଷୟରେ ସୂଚନା ଦେଲେ ସେତେବେଳେ ମୋର ଖୁସିର ସୀମା ରହି ନ ଥିଲା। କାରଣ ମେଘନାଙ୍କ ଫିଲ୍ମରେ ଅଭିନୟ କରିବାକୁ କିଏ ବା ନ ଚାହେଁ ? ଏଥିରେ ମୋତେ ଯେଉଁ ଭୂମିକାଟି ଦେଇଛନ୍ତି ତାହାକୁ ଠିକ୍ ଭାବରେ ତୁଲାଇବାକୁ ନିଶ୍ଚୟ ଚେଷ୍ଟା କରିବି। ଏ ନେଇ ମେଘନାଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ।'' ଏହି ଫିଲ୍ମର ଶୁଟିଂ ନିକଟରେ ଶେଷ ହୋଇଛି। ଏହାର କାହାଣୀ ଏକ କ୍ରାଇମ ଉପରେ ଆଧାରିତ। ସୀମା ଅଗ୍ରୱାଲ, ମେଘନା ଗୁଲଜାର ଏବଂ ଯଶ କେଶୱାନୀ କାହାଣୀ ରଚନା କରିଛନ୍ତି। ବିନୀତ ଜୈନଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମରେ କରୀନାଙ୍କ ବ୍ୟତୀତ ପୃଥ୍ୱୀରାଜ ସୁକୁମାରନ୍, ଆରତୀ ଦେଶାଇ, ସୁମିତ ରାଇନା ଏବଂ ଆଶୁତୋଷ ସୁହାନ ପ୍ରମୁଖ ଅଭିନୟ କରିଛନ୍ତି।

# ଆଶାରେ ଅକ୍ଷୟ

ଇତି ମଧ୍ୟରେ ଅକ୍ଷୟ କୁମାର ନିଜକୁ ଜଣେ ଅଲରାଉଣ୍ଡର ଭାବରେ ସାବ୍ୟସ୍ତ କରିସାରିଛନ୍ତି। ଆକ୍ସନ ଭୂମିକାରେ ପ୍ରଥମେ ଅବତୀର୍ଣ୍ଣ ହୋଇଥିବା ଏହି ଅଭିନେତା ଏବେ ନିଜ ଆଗାମୀ ଫିଲ୍ମର ସଫଳତାକୁ ନେଇ ଢେର ଆଶା ବାନ୍ଧିଛନ୍ତି। ଫିଲ୍ମଟିର ଟାଇଟଲ ରହିଛି 'ୱେଲ୍‌କମ୍ ଟୁ ଦ ଜଙ୍ଗଲ'। ଫିଲ୍ମଟିର ଶୁଟିଂ ଶେଷ ହେବା ସହ ଏହାର ମୁକ୍ତିଲାଭ ତାରିଖ ବିଷୟରେ ସୂଚନା ଦେଇଛନ୍ତି ଅକ୍ଷୟ। ସେ କୁହନ୍ତି, ''ଯାହାହେଉ ଏହି ଫିଲ୍ମର ଶୁଟିଂ ଶେଷ ହୋଇଛି। ତା'ସହ ପ୍ରଯୋଜନା ସଂସ୍ଥା ଏହାକୁ ଚଳିତ ବର୍ଷ ଖ୍ରୀଷ୍ଟମାସ ଅବସରରେ ରିଲିଜ କରିବାକୁ ସ୍ଥିର କରିଛି। ମୋର ଯେତିକି ବିଶ୍ୱାସ ରହିଛି, ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ୍ କରିବ। ଶୁଟିଂ ସମୟରେ କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ସମସ୍ତ କଳାକାର ଚେଷ୍ଟା କରିଛନ୍ତି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।'' ଏକ କୁଖ୍ୟାତ ଅପରାଧୀ ଏବଂ ପୋଲିସ ବିଭାଗକୁ ନେଇ କାହାଣୀ ଗତିଶୀଳ। ଏଥିରେ ଅକ୍ଷୟ କୁମାରଙ୍କୁ ଜଣେ ପୋଲିସ ଅଫିସର ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଅହମ୍ମଦ ଖାନ୍। ଫରହଦ ସାମ୍‌ଜୀ କାହାଣୀ ଲେଖିଛନ୍ତି। ଚିତ୍ରଟିର ଅନ୍ୟାନ୍ୟ ଭୂମିକାରେ ସଞ୍ଜୟ ଦତ୍ତ, ସୁନୀଲ ସେଟ୍ଟି, ପରେଶ ରାୱଲ, ଦିଶା ପଟାନି, ଜ୍ୟାକ୍‌ଲିନ୍ ଫର୍ନାଣ୍ଡିସ ଏବଂ ଲାରା ଦତ୍ତା ପ୍ରମୁଖ ଅଭିନୟ କରିଛନ୍ତି।




ଅକ୍ଷୟ

# ଯଦି ସତ ହୁଏ...

ବେଳେବେଳେ କେତେକ ସିନେମାର ପ୍ରାରମ୍ଭିକ କାମ ଚାଲିଥିବା ସମୟରେ ଏହାର କାଷ୍ଟିଂକୁ ନେଇ ଅନେକ କଥା ଶୁଣିବାକୁ ମିଳେ। ଏବେ ସେମିତି ଘଟଣାର ସମ୍ମୁଖୀନ ହୋଇଛନ୍ତି ଆଲିଆ ଭଟ୍ଟ। ଜୟ ମେହେଟ୍ଟାଙ୍କ ଆଗାମୀ ଫିଲ୍ମ 'ପ୍ରଳୟ'ରେ ସେ ନାୟିକା ସାଜୁଛନ୍ତି ବୋଲି ଶୁଣିବାକୁ ମିଳୁଛି। କେବଳ ସେତିକି ନୁହେଁ, ଏହି ଫିଲ୍ମର ନାୟକ ଭୂମିକାରେ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି ରଣବୀର ସିଂ। ପୁଣି ଏଥିଲାଗି ସେ ଆଉ ଏକ ଅଫରକୁ ହାତଛଡା କରିଛନ୍ତି। ତେବେ ଉକ୍ତ ସିନେମାର ନାୟିକା ଆଲିଆ ସାଜୁଛନ୍ତି କି ନାହିଁ ସେ ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ କିଛି ସୂଚନା ଦିଆଯାଇ ନାହିଁ। ଏ ବିଷୟରେ ଆଲିଆ କହନ୍ତି, ''ଜୟଙ୍କ ଆଗାମୀ ଫିଲ୍ମରେ ମୁଁ ଅଭିନୟ କରୁଛି ବୋଲି ଯାହା କେବଳ ଶୁଣାଯାଇଛି। ଏ ନେଇ ପ୍ରଯୋଜନା ସଂସ୍ଥା ମୋତେ କିଛି ପ୍ରାକ୍ ସୂଚନା ଦେଇନାହାନ୍ତି। ହେଲେ ଯଦି ମୁଁ ଏହି ଫିଲ୍ମରେ ଅଭିନୟ କରିବାର ସୁଯୋଗ ପାଏ ତେବେ ନିଶ୍ଚୟ ଖୁସି ହେବି। ଆଉ ତାହାର କାରଣ କ'ଣ ଜାଣନ୍ତି ? କାରଣ ହେଉଛି ରଣବୀର ସିଂଙ୍କ ସହ ପୁଣିଥରେ ଅଭିନୟ କରିବି। ଆମ ଯୋଡିକୁ ଦର୍ଶକ ଶେଷଥର ପାଇଁ 'ରକି ଔର ରାନୀକି ପ୍ରେମ କାହାନୀ'ରେ ଦେଖିବାକୁ ପାଇଥିଲେ। କରନ୍ ଜୋହରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ବିଜନେସ୍ କରିଥିଲା। ରଣବୀରଙ୍କ ସହ ପୁଣି ଥରେ ଅଭିନୟ କରିବାକୁ ଇଚ୍ଛା ତ ରହିଛି, ଯଦି ଏହି ଆଲୋଚନା ସତ ହୁଏ ମୋ ଆଶା ପୂରଣ ହେବ।''



ଆଲିଆ

# ଆୟୁଷ୍ମାନଙ୍କ ପ୍ରଶଂସାରେ ୟାମି

ଏବେ ୟାମି ଗୌତମଙ୍କ ମୁହଁରେ ଆୟୁଷ୍ମାନ ଖୁରାନାଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ପୁଣି ପୁରୁଣା ଦିନର ସ୍ମୃତିକୁ ମନେ ପକାଉଛନ୍ତି। କଥା କ'ଣ କି ନିକଟରେ ସେ ଅଭିନୟ କରିଥିବା 'ବାଲା' ଫିଲ୍ମ ବିଷୟରେ ତାଙ୍କ ସାଙ୍ଗମାନଙ୍କୁ କହୁଥାଆନ୍ତି। ଏହି ସମୟରେ ସେ ଆୟୁଷ୍ମାନଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ। ଏପରି କି ଭବିଷ୍ୟତରେ ଏହି ଅଭିନେତା ଅଭିନୟ କ୍ଷେତ୍ରରେ ବହୁତ ଆଗକୁ ଯିବେ ବୋଲି ସେ ପୂର୍ବାନୁମାନ କରିଛନ୍ତି। ୟାମି କୁହନ୍ତି,'ଆୟୁଷ୍ମାନଙ୍କ ସହ 'ବାଲା' ଫିଲ୍ମରେ ଅଭିନୟର ସ୍ମୃତିକୁ କେବେ ଭୁଲିପାରିବି ନାହିଁ। ଶୁଟିଂ ସମୟରେ ଯେତେବେଳେ ମୁଁ କିଛି ଅସୁବିଧାର ସମ୍ମୁଖୀନ ହେଉଥିବାର ସେ ଦେଖିବାକୁ ପାଉଥିଲେ ବିଳମ୍ବ ନ କରି ତାହାର ସମାଧାନ କରିଦେଉଥିଲେ। ଏ ନେଇ ତାଙ୍କୁ ଯେତେ ପ୍ରଶଂସା କରିବି ତାହା କମ୍ ହେବ।'' ୟାମି ଯେତେବେଳେ ପାଠ ପଢୁଥିଲେ ସେତେବେଳେ ତାଙ୍କର ଇଚ୍ଛା ଥିଲା ଜଣେ ଓକିଲ ହେବାକୁ। ଏପରିକି ସେ ପଞ୍ଜାବ ୟୁନିଭର୍ସିଟିରେ ଏଲଏଲବି ମଧ୍ୟ କରୁଥିଲେ। ହେଲେ ତାଙ୍କର ଏହି ଆଶା କେବଳ ଆଶାରେ ହିଁ ରହିଯାଇଥିଲା। ତା'ପରେ ସେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ସ୍ୱପ୍ନ ଦେଖିଲେ। ତାହା ମଧ୍ୟ ପୂରଣ ହେଲା ନାହିଁ। ହେଲେ ଜଣେ ଓକିଲ ହେବାର ଆଶା ତାଙ୍କର ବଡ ପରଦାରେ ପୂରଣ ହୋଇଥିଲା। ୨୦୨୩ରେ ରିଲିଜ ହୋଇଥିଲା ହିନ୍ଦୀ ସିନେମା 'ଓ ମାଇଁ ଗଡ୍ ୨'ରେ ତାଙ୍କୁ ଜଣେ ଓକିଲ ଭୂମିକା (କାମିନି ମାହେଶ୍ୱରୀ) ମିଳିଥିଲା। ଆଉ ଏହି ରୋଲ୍‌କୁ ସେ ବେଶ୍ ସୁନ୍ଦର ଭାବରେ ତୁଲାଇଥିଲେ।



ଆୟୁଷ୍ମାନ-ୟାମି

# ସଞ୍ଜୟ ଯାହା ଚାହୁଁଥିଲେ...



ସଞ୍ଜୟ

ସଞ୍ଜୟ କୁମାର ଏକାଧାରରେ ଜଣେ ଅଭିନେତା ଏବଂ ପ୍ରଯୋଜକ। ତେବେ ତାଙ୍କର ପ୍ରତିଭା ଏତିକିରେ ସୀମିତ ହୋଇ ରହି ନାହିଁ। ଚଳଚ୍ଚିତ୍ର ପାଇଁ କାହାଣୀ ରଚନା କରିବା ସହ ସେ ପାଞ୍ଚଟି ଅପେରା ନାଟକ ମଧ୍ୟ ରଚନା କରିସାରିଛନ୍ତି। ୨୦୦୫ରେ ସେ ଅଭିନୟରେ ଡିପ୍ଲୋମା ହାସଲ କରିବା ପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ଥିଏଟରରୁ ଆରମ୍ଭ ହୋଇଥିଲା ତାଙ୍କର ଅଭିନୟ ଜୀବନ। ଦୀର୍ଘ ୨୦ ବର୍ଷ ଧରି ସେ ଥିଏଟର ସହ ଜଡିତ ଅଛନ୍ତି। ତା'ସହ ୨୦୨୩ରେ ତାଙ୍କ ଅଭିନୀତ ପ୍ରଥମ ସିନେମା 'କସ୍ତୁରୀ' ରିଲିଜ ହୋଇ ଦର୍ଶକାଦୃଶ ହୋଇଥିଲା। ନିଜ କ୍ୟାରିୟର ବିଷୟରେ ସଞ୍ଜୟ କହନ୍ତି, ''ଗୋଟିଏ ପଟେ ଅଭିନୟ ଏବଂ ଅନ୍ୟପଟରେ ନାଟକ ସହ ଚଳଚ୍ଚିତ୍ର କାହାଣୀ ରଚନା-ଏସବୁକୁ ସମାନ୍ତରାଳ ଭାବରେ ନେଇ ଆଗେଇ ଚାଲିବା ଛୋଟିଆ କଥା ନୁହେଁ। ଆଉ ଏହାପଛରେ ରହିଛି ମୋର ଆଗ୍ରହ, ପରିଶ୍ରମ ଏବଂ ଭଗବାନଙ୍କ ଆଶୀର୍ବାଦ। ଏବେ ତିନୋଟି ନୂଆ ପ୍ରୋଜେକ୍ଟ ପାଇଁ କାହାଣୀ ରଚନାରେ ବ୍ୟସ୍ତ ଅଛି। ଏ କ୍ଷେତ୍ରରେ ପାଦ ଦେବା ସମୟରେ ମୁଁ ଯାହା ଚାହୁଁଥିଲି ତାହା ତ ମୋତେ ମିଳିଯାଇଛି ହେଲେ ଆଗକୁ ଆହୁରି ନୂଆ କ୍ରିଏଟିଭିଟି ଦେଖାଇବାକୁ ଲକ୍ଷ୍ୟ ରଖିଛି।'' ଢେଙ୍କାନାଳର ଭୁବନରେ ଜନ୍ମିତ ସଞ୍ଜୟ ଏବେ ସମ୍ବଲପୁରର କୁଚିଣ୍ଡାରେ ରହି ନିଜ କର୍ମମୟ ଜୀବନକୁ ଆଗେଇ ନେଉଛନ୍ତି।

# ଗାୟିକାରୁ ନାୟିକା

ସେ ପ୍ରଥମେ କିଛି ମାସ ଭିଡିଓ ଜକି ଭାବରେ କାମ କରିଥିଲେ। ତା'ସହ ତାଙ୍କର ଗୀତ ଗାଇବା ଏକ ନିଶା ଥିଲା। ଅନେକ ଷ୍ଟେଜ୍ ପ୍ରୋଗ୍ରାମରେ ଗୀତ ଗାଇ ସେ ପ୍ରଶଂସା ସାଉଁଟିଥିଲେ। ତା'ପରେ 'ତାରେଁ ଜମିନ୍ ପର୍' ଏବଂ 'ଗୁଜାରିସ୍' ଫିଲ୍ମ ପାଇଁ ମଧ୍ୟ କଣ୍ଠଦାନ କରିଥିଲେ। ପରବର୍ତ୍ତୀ ସମୟରେ କିନ୍ତୁ ସେ ଅଭିନୟକୁ ଆଦରି ନେଇଥିଲେ। ହଁ, ସେ ହେଲେ ତାରା ସୁଟାରିଆ। ୨୦୧୯ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ହିନ୍ଦୀ ସିନେମା ଜଗତର ଅନ୍ୟତମ ବିଶିଷ୍ଟ ପ୍ରଯୋଜକ କରନ୍ ଜୋହର ତାଙ୍କୁ 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨'ରେ ବ୍ରେକ୍ ଦେଇଥିଲେ। ଫିଲ୍ମଟି ଭଲ ବିଜନେସ୍ ମଧ୍ୟ କରିଥିଲା। ଏ ନେଇ ତାରା କୁହନ୍ତି, ''ଅଭିନୟ ଜୀବନରେ ଉତ୍‌ଥାନ-ପତନ ଲାଗି ରହିଥାଏ। ଏକଥା ସତ ଯେ, ମୁଁ ମୋ ଛଅବର୍ଷର କ୍ୟାରିୟର ଭିତରେ ମାତ୍ର ହାତଗଣତି ସିନେମାରେ ଅଭିନୟ କରିଛି। ହେଲେ ଦୃଢ଼ ଆଶା ରହିଛି ଦିନେ ନା ଦିନେ ମୁଁ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବରେ ପ୍ରତିପାଦନ କରିପାରିବି।'' ମାସ୍ ମିଡିଆରେ ତାରା ବ୍ୟାଚେଲର ଡିଗ୍ରୀ ହାସଲ କରିଛନ୍ତି। ପିୟା ନାମ୍ନୀ ତାଙ୍କର ଜଣେ ଯାଆଁଳା ଭଉଣୀ ଅଛି। ସେ ମଧ୍ୟ ଜଣେ ଅଭିନେତ୍ରୀ।



ତାରା

ପ୍ରଥମ ରୋଜଗାର

# ମୋ ଆତ୍ମବିଶ୍ୱାସର ସ୍ୱରଃ ମୋ ପ୍ରଥମ ରୋଜଗାର



କବି, ସାହିତ୍ୟିକା ବିନ୍ଦୁ ନିବେଦିତା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ସବୁ ପାଠପଢ଼ୁଆ ଝିଅଙ୍କ ପରି ମୁଁ ବି ଉଚ୍ଚଶିକ୍ଷା ପରେ ନିଜ ଗୋଡ଼ରେ ଛିଡ଼ା ହୋଇ ସ୍ୱାବଲମ୍ବୀ ହେବାର ସ୍ୱପ୍ନ ଦେଖିଥିଲି। ବାପା ରାଜ୍ୟ ସରକାରଙ୍କ ଅଧୀନ ଜଙ୍ଗଲ ବିଭାଗରେ କାର୍ଯ୍ୟରତ ଥିବାରୁ ବଦଳି ଚାକିରି ସହ ପିଲାବେଳୁ ଓଡ଼ିଶାର ଅନେକ ସ୍ଥାନକୁ ନିକଟରୁ ଦେଖିବାର ସୁଯୋଗ ମିଳିଥିଲା। ବାପାଙ୍କୁ ମିଳୁଥିବା ସମ୍ମାନ ଓ ଗହଳି ଦେଖି ଦେଖି ମୋ ମନରେ ଚାକିରି କରିବାର ଏକ ଅଦୃଶ୍ୟ ଆକାଂକ୍ଷା ଅଙ୍କୁରିତ ହୋଇଯାଇଥିଲା। ସ୍ନାତକୋତ୍ତର ଶିକ୍ଷା ପରେ ମୋ ପସନ୍ଦ ବିଷୟରେ ଆଗକୁ ପଢ଼ିବାକୁ ଚାହିଁଲି, କିନ୍ତୁ ସେତେବେଳେ ସମ୍ବଲପୁରରେ ସୁଯୋଗ ନ ଥିଲା। ତେଣୁ ନିମାନ୍ସ, ବେଙ୍ଗାଲୁରୁ ଓ ସିକନ୍ଦରାବାଦରେ ଏକ ବିଶେଷ ପାଠ୍ୟକ୍ରମରେ ପ୍ରଶିକ୍ଷଣ ପାଇଁ ଆବେଦନ କଲି। ଦିନ ଗଡ଼ିଗଲା, କିନ୍ତୁ କୌଣସି ଉତ୍ତର ଆସିଲା ନାହିଁ। ଏହା ମଧ୍ୟରେ ଆମେ ଭୁବନେଶ୍ୱର ଚାଲି ଆସିଥିଲୁ। ଦିନେ କାଗଜପତ୍ର ଖୋଜୁଥିବାବେଳେ ସେ ଦୁଇଟି ଯାକ ଅନୁଷ୍ଠାନର କଲ୍ ଲେଟର୍ ଗୋଟିଏ ଖାତା ଭିତରେ ଚଉତା ହୋଇଥିବା ଦେଖିଲି। ଘରେ ପଚାରି ଜାଣିଲି, କାଳେ ବାହାରେ ପଢ଼ିବାକୁ ମୁଁ ଜିଦ୍ କରିବି ବୋଲି ସେଗୁଡ଼ିକ ମୋତେ ଦିଆଯାଇ ନ ଥିଲା। ମନ ଭାଙ୍ଗିଗଲା, କାନ୍ଦିଲି, ରାଗିଲି, ପୁଣି ନିଜକୁ ନିଜେ ବୁଝେଇନେଲି। ବାଣୀବିହାରରେ ନୂଆ ଭାବେ ଚେଷ୍ଟା ଆରମ୍ଭ କଲି। କିନ୍ତୁ କଥାରେ ଅଛି ମଣିଷ ଭାବେ କିଛି, ଆଉ ହୁଏ କିଛି।

ଆଗର କାର୍ଯ୍ୟପନ୍ଥା ଭାବିବା ପୂର୍ବରୁ ହଠାତ୍ ବାହାଘର ଠିକ୍ ହୋଇଗଲା। ଆମେ ଥିଲୁ ଲିମିଟେଡ୍ ଏଡିସନ୍‌ର ମଣିଷ, ନିଜ ମଧ୍ୟରେ ଅନିଶ୍ଚିତ ଆକାଂକ୍ଷାକୁ ବି ପାଳୁଥିଲୁ ଏବଂ ଘରର ଇଚ୍ଛାକୁ ବି ସମ୍ମାନ ଦେଉଥିଲୁ। ଅଗତ୍ୟା ସବୁ ସ୍ୱପ୍ନକୁ ପେଡ଼ି ସାଇତା କରି ବାହା ହୋଇଗଲି। ମୋ ଶାଶୁଘର ଥିଲା ଏକ ସମ୍ପନ୍ନ ଗହଳି ପରିବାର, ଯା', ଦେଢ଼ଶୁର, ଦିଅର ଓ ନଣନ୍ଦକୁ ନେଇ ଘର।

ନିଜ ଘର ସଂସାରକୁ ବୁଝିବାକୁ ମତେ ଅନେକ ଦିନ ଲାଗିଗଲା। ତା'ପରେ ମୋର ପୁଅ ହେଲା। ତେଲଲୁଣ ଜଞ୍ଜାଳ ସହ ଯୁଝୁଯୁଝୁ ପାଠଶାଠ କୁଆଡ଼େ ଭୁଲିଗଲି। ଇଚ୍ଛା ବି ପାଣିଫୋଟକା ପାଲଟିଗଲା, କିନ୍ତୁ ମୋ ସ୍ୱପ୍ନ ମତେ ଭୁଲି ନ ଥିଲା। ମଝିରେ ମଝିରେ କେଉଁ ନିରୋଳା ମୁହୂର୍ତ୍ତରେ ଚୁପ୍‌ଚାପ୍ ଆସି ମୋ ଅସ୍ତିତ୍ୱକୁ ଛୁଇଁଦେଇ ଲୁଚିଯାଉଥିଲା। ପିଲାବେଳୁ ମୋର ଏକ ସ୍ୱଭାବ କୌଣସି ବିଷୟ ପ୍ରତି କୌତୂହଳ ଜନ୍ମ ନେଲେ ତାକୁ ନ ଜାଣିଲା ପର୍ଯ୍ୟନ୍ତ ମୁଁ ଶାନ୍ତ ହୁଏ ନାହିଁ। ସେତେବେଳେ କମ୍ପ୍ୟୁଟର ନୂଆ ନୂଆ ଆସିଥିଲା, ଯାହାକୁ ନିଜ ପ୍ରଚେଷ୍ଟାରେ ଶିଖିବା ଆରମ୍ଭ କଲି। ହଠାତ୍ ଦିନେ ସାନଭଉଣୀ ଫୋନ୍‌କରି କେନ୍ଦ୍ର ସରକାରଙ୍କ ଅଧୀନରେ ନୂଆ ଖୋଲିଥିବା ଏକ ଶିକ୍ଷାନୁଷ୍ଠାନରେ ଖାଲି ଥିବା କିଛି ପଦବୀ ପାଇଁ ଆବେଦନ କରିବାକୁ କହିଲା। ଘରେ ସମସ୍ତଙ୍କ ସମର୍ଥନ ତ ଥିଲା, କିନ୍ତୁ ତା'ସହ ସଂଶୟ ବି ଥିଲା। ଆଧିକାରିକ ଚୟନ ପ୍ରକ୍ରିୟା ପରେ ଅଫର ଲେଟର ସହ ମନରେ ଅନେକ ଦ୍ୱିଧା ଓ ଉତ୍କଣ୍ଠା ନେଇ ମୁଁ କାର୍ଯ୍ୟକ୍ଷେତ୍ରରେ ଯୋଗଦେଲି। ଯାହାହେଉ, ମତେ ଛାତ୍ରୀଛାତ୍ରଙ୍କ ଶିକ୍ଷା ସମ୍ବନ୍ଧୀୟ ପ୍ରଶାସନିକ ଦାୟିତ୍ୱ ମିଳିଲା, ଯଦିବା ଶୈକ୍ଷିକ ବୃତ୍ତି ଥିଲା ମୋର ପ୍ରଥମ ପସନ୍ଦ। ଅଫିସ୍‌ର ସମ୍ପୂର୍ଣ୍ଣ ଭିନ୍ନ ପରିବେଶ ଓ ଭିନ୍ନ କାର୍ଯ୍ୟ ପ୍ରଣାଳୀକୁ ବୁଝୁବୁଝୁ ସମୟ କୁଆଡ଼େ ପଳାଉଥିଲା।

ଏଥର ପହିଲାରେ ହାତରେ ଥିଲା ଆତ୍ମବିଶ୍ୱାସରେ ଭରା ମୋ ପ୍ରଥମ ରୋଜଗାର। ଈଶ୍ୱରଙ୍କୁ କୃତଜ୍ଞତା ଜଣାଇଲି। ଖୁସିରେ ସ୍ୱାମୀଙ୍କ ହାତକୁ ବଢ଼ାଇ ଦେଉ ଦେଉ ତାଙ୍କ ଆଖିରେ ନିଜ ପ୍ରତି ଏକ ଭିନ୍ନ ଚମକ ଦେଖୁଥିଲି। ନିଜ ପରିଜନଙ୍କ ନିକଟରେ ନୂଆ ପରିଚୟ ନେଇ ଭେଟୁଥିଲି। ନିଜକୁ ପୁଣି ଥରେ ଏକାଠି କରି ସାଉଁଟୁଥିଲି। ମତେ ଯେପରି କିଏ କାନ ପାଖେ କହିଦେଇ ଯାଉଥିଲା, ନିଜ ଉପରେ ଭରସା କରି ଶିଖ, କେବେ ସ୍ୱପ୍ନଭଙ୍ଗର ଜୀବନ ଜିଇବୁ ନାହିଁ। ତା'ପରଠାରୁ ରାସ୍ତାରେ ଅନେକ ଘାତପ୍ରତିଘାତ ଆସିଛି, କିନ୍ତୁ ମୁଁ କେବେ ଆଉ ପଛକୁ ଫେରି ଚାହିଁନି। ତେଣୁ ରୋଜଗାରକ୍ଷମ ହେବା ଯେ ନାରୀକୁ ସଦା ଏକ ଭିନ୍ନ ସନ୍ତୁଷ୍ଟି ଦେଇଥାଏ, ଏ କଥାକୁ କେବେ ଅସ୍ୱୀକାର କରିହେବନାହିଁ।

........................




# ଭାବନା ରାଇଜେ ଘୂରୁଛି ମନ, କେବେ ସତ ହେବ ମୋ ସପନ

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ତା' କଥା ଭାବି ଭାବି ମୋ ଦିନ ବିତି ଯାଉଛି। ତାକୁ ଯଦି ମନର ମାନସୀ ଭାବରେ ପାଇବି ତା'ହେଲେ ମୋ ପ୍ରେମ ସାର୍ଥକ ହେବ। ହେଲେ ଏପରି ପ୍ରେମରେ କେମିତି ଆଗେଇବି ଜାଣିପାରୁନାହିଁ। କ'ଣ କରିବି ? *–ସୁଜିତ କୁମାର ସାହୁ, ନୟାଗଡ*

**ଉତ୍ତରः** ଆପଣଙ୍କ ପ୍ରଶ୍ନରୁ ଜଣାପଡୁଛି ଯେ, ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାହାର ଠିକଣା ବୋଧହୁଏ ଆପଣଙ୍କୁ ମାଲୁମ ନାହିଁ। ଆପଣଙ୍କ ମନ ଭିତରେ ଉଦବେଳିତ ହେଉଥିବା କଥାଗୁଡିକ ସେହି ମନ ଭିତରେ ଚାପି ହୋଇରହିଛି। 'ଭାବନା ରାଇଜେ ଘୂରୁଛି ମନ, କେବେ ସତ ହେବ ମୋ ସପନ।' ଯଦି ସମ୍ଭବ ତେବେ ତାହାର ଠିକଣା ପାଇବାକୁ ଚେଷ୍ଟା କରନ୍ତୁ। ଯଦି କେବେ ଅକସ୍ମାତ ଦେଖାସାକ୍ଷାତ ହୁଏ, ତେବେ ଏପରି ତୀର ମାରନ୍ତୁ ଯେ ଯେମିତି ଆପଣ ସେହି ସୁନ୍ଦରୀ ମନ ଭିତରେ ପରମାନେଣ୍ଟ ଘର କରିପାରିବେ।

**ପ୍ରଶ୍ନ**–ଜଣେ ରୂପସୀ ମୋତେ ସବୁବେଳେ କଣେଇ କଣେଇ ଚାହୁଁଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ସେ ତାକୁ ଗ୍ରହଣ କରିବ କି ?

*–ବିଜୟ ମଲ୍ଲିକ, ବ୍ରହ୍ମପୁର*

**ଉତ୍ତରः** ସେହି ରୂପସୀର ଚୋରା ଚାହାଣୀରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚି ରହିଛି। ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ଏପରି ବଲ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ?

*–ବିକାଶ, କେନ୍ଦ୍ରାପଡା*

**ଉତ୍ତରः**ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। କଥାରେ ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ।

**ପ୍ରଶ୍ନ**–ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ଏବେ ମୁଁ ଏହି ସମସ୍ୟାର ସମାଧାନ କିପରି କରିବି ?

*–ପ୍ରକାଶ, କଟକ*

**ଉତ୍ତରः**ଯେତେବେଳେ ସାଙ୍ଗ କଥାରେ ପଡି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା। ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ।

# ଟିସୁ୍ୟ ବକ୍ସ



**ଟିସୁ୍ୟ ପେପର୍ ଏବେ ଏକ ଆବଶ୍ୟକୀୟ ସାମଗ୍ରୀ। ଘରେ ହେଉ କି ବାହାରକୁ ବୁଲିବାକୁ ଯିବା ସମୟରେ ଏହାର ଆବଶ୍ୟକତା ପଡୁଛି । ତେଣୁ ଏହାକୁ ରଖିବା ଲାଗି ଆଜିକାଲି ବହୁତ ସୁନ୍ଦର ସୁନ୍ଦର ବକ୍ସ ଆସୁଛି । ସେଥିମଧ୍ୟରେ କିଛି ବକ୍ସ ବେଶ୍ ଅଜବ ଓ ମଜାଦାର ହୋଇଥାଏ। ଏଇ ଯେମିତି ଏହି ଟିସୁ୍ୟ ବକ୍ସଗୁଡ଼ିକ...**

**କେକ୍ ଟିସୁ୍ୟ ବକ୍ସ:** ପ୍ରଥମ ନଜରରେ ଏହି ଟିସୁ୍ୟ ବକ୍ସକୁ ଦେଖିଲେ ଲାଗିବ ସତେ ଯେମିତି ଏହା ଏକ ସୁନ୍ଦର କେକ୍। ହେଲେ ନିକଟରୁ ଦେଖିଲେ ଜାଣିବେ ପ୍ରକୃତରେ ଏହା କେକ୍ ନୁହେଁ ବରଂ ଏକ ଟିସୁ୍ୟ ବକ୍ସ, ଯାହାର ଉପର ଭାଗରେ ରହିଛି ଏକ ଆୟତାକାର କଣା ଯାହା ମଧ୍ୟ ଦେଇ ଟିସୁ୍ୟ ପେପର୍ ବାହାରିଥାଏ।

**ମଣିଷ ଚେହେରା ଟିସୁ୍ୟ ବକ୍ସ:** ମଣିଷ ଚେହେରାର ଏହି ଟିସୁ୍ୟ ବକ୍ସ ବି ବେଶ୍ ମଜାଦାର। ଏହି ଟିସୁ୍ୟ ବକ୍ସରେ ଟିସୁ୍ୟ ପେପର୍ କେତେବେଳେ ନାକରୁ ବାହାରିଥାଏ ତ କେତେବେଳେ ପାଟିରୁ।





**ସ୍ନିଜିଂ ଟିସୁ୍ୟ ବକ୍ସ:** ସାଧାରଣତଃ ଥଣ୍ଡା ହୋଇଥିଲେ ଟିସୁ୍ୟ ପେପର୍‌ର ଆବଶ୍ୟକତା ବେଶି ପଡ଼ିଥାଏ। କାରଣ ଏହି ସମୟରେ ଛିଙ୍କ, କାଶ ହୁଏ। ଏହି ଥିମ୍‌କୁ ନେଇ ତିଆରି ହୋଇଛି ଉକ୍ତ ଟିସୁ୍ୟ ବକ୍ସକୁ। ଅର୍ଥାତ୍ ଏହି ଟିସୁ୍ୟ ବକ୍ସରେ ଥାଏ ଏକ ଛିଙ୍କୁଥିବା ଚେହେରା। ସେଇ ଚେହେରାର ନାକ ପୁଡ଼ାରୁ ବାହାରେ ଟିସୁ୍ୟ ପେପର୍। ଆଉ ନାକପୁଡ଼ାରୁ ଟିସୁ୍ୟ ପେପର୍ ବାହାର କରିବାବେଳେ ବେଶ୍ ମଜା ଲାଗେ।

**ମ୍ୟାଜିକ୍ ହ୍ୟାଟ୍ ଟିସୁ୍ୟ ବକ୍ସ:** ମ୍ୟାଜିକ୍ ଶୋ'ରେ ଦେଖିଥିବେ ମ୍ୟାଜିସିଆନ୍‌ଙ୍କ ପାଖରେ ଥାଏ ଏକ ମ୍ୟାଜିକ୍ ହ୍ୟାଟ୍, ଯାହା ଭିତରୁ ବାହାରିଥାଏ ଅନେକ ଅଜବ ଅଜବ ଜିନିଷ। ଏହି ଟିସୁ୍ୟ ବକ୍ସଟି ଦେଖିବାକୁ ସେଇ ମ୍ୟାଜିକ୍ ହ୍ୟାଟ୍ ଭଳି । ହେଲେ ଏହା ଭିତରୁ ଠେକୁଆ କି ପାରା ବାହାରି ନ ଥାଏ। ବରଂ ବାହାରେ ଟିସୁ୍ୟ ପେପର୍।

**ଲେଡି ସ୍କର୍ଟ ଟିସୁ୍ୟ ବକ୍ସ:** ଏହି ଟିସୁ୍ୟ ବକ୍ସ ଏମିତି ଯେ, ଏଥିରେ ଟିସୁ୍ୟ ପେପର୍ ବାହାରିଥାଏ ଏକ ଝିଅର ଅଣ୍ଟାରୁ। ଟିସୁ୍ୟ ପେପର୍‌ଟିକୁ ଟାଣିଲେ ପେପର୍‌ଟି ଝିଅର ସ୍କର୍ଟ ପାଲଟିଯାଏ। ଅନେକେ ଏହାକୁ ମର୍ଲିନ ମୋନରୋ ଟିସୁ୍ୟ ବକ୍ସ ବି କହନ୍ତି। କାରଣ ଏଥିରେ ଥିବା ଲେଡିଙ୍କ ଚିତ୍ର ଖାସ୍‌କରି ମର୍ଲିନ ମୋନରୋଙ୍କର ଥାଏ।

**କ୍ୟୁଟ୍ ଉଲ୍ ବୁଣା ଟିସୁ୍ୟ ବକ୍ସ:** ଉଲ୍‌ରେ ବୁଣା ଏହି କ୍ୟୁଟ୍ ପାଣ୍ଡା ଚେହେରାର ଟିସୁ୍ୟ ବକ୍ସ ଉପହାର ଦେବା ପାଇଁ ବେଷ୍ଟ। ପାଣ୍ଡା ଚେହେରାର ଉକ୍ତ ଟିସୁ୍ୟ ବକ୍ସ ପିଲାଙ୍କୁ ବହୁତ ପସନ୍ଦ ଆସିବ।

**ମୋଆଇ ଟିସୁ୍ୟ ବକ୍ସ:** ଇଷ୍ଟର ଆଇଲାଣ୍ଡରେ ଦେଖିବାକୁ ମିଳୁଥିବା ମୋଆଇ ପ୍ରତିମୂର୍ତ୍ତି ବେଶ୍ ଅଜବ ଲାଗେ। ସେଇ ଅଜବ ଚେହେରାର ପ୍ରତିମୂର୍ତ୍ତିର ଟିସୁ୍ୟ ବକ୍ସ ବି ବଜାରରେ ଉପଲବ୍ଧ ହେଉଛି। ଚାହିଁଲେ ତାକୁ ଆଣି ଘରେ ରଖିପାରିବେ। ଏହା ଘରକୁ ଏକ ଭିନ୍ନ ଲୁକ୍ ଦେବ।









# ହାଃ ହାଃ

## ଭଉଣୀ

ମନୋଜ ଧୀରେ ଧୀରେ ଫୋନ୍‌ରେ କଥା ହେଉଥାଏ । ଏହା ଦେଖି ରାଜେଶ: କାହା ସାଙ୍ଗରେ କିରେ ଏତେ ଚୁପି ଚୁପି କଥା ହଉଛୁ ?
ମନୋଜ: ଭଉଣୀ ସାଙ୍ଗରେ ।
ରାଜେଶ: ଭଉଣୀ ସହିତ ପୁଣି କିଏ ଏତେ ଧୀରେ କଥା ହୁଏ ?
ମନୋଜ: ଇଏ ତୋ' ଭଉଣୀ ।

## ନିମନ୍ତ୍ରଣ

ସ୍ୱାମୀ ଏକ ନିମନ୍ତ୍ରଣ ପତ୍ର ପଢିବାବେଳେ ଚିନ୍ତାରେ ଥିବା ଭଳି ଦେଖାଯିବାରୁ ସ୍ତ୍ରୀ: କ'ଣ ହେଲା ? ଏଇ ନିମନ୍ତ୍ରଣ ପତ୍ର ଦେଖି ଚିନ୍ତାରେ ପଡ଼ି ଯାଇଛ ଯେ ?
ସ୍ୱାମୀ: ନିମନ୍ତ୍ରଣ ପତ୍ର ପଢି ବୁଝି ପାରୁନି ସେମାନେ ମତେ ଡାକିଛନ୍ତି ନା ଆସିବାକୁ ମନା କରିଛନ୍ତି ।
ସ୍ତ୍ରୀ: କାଇଁ ଏମିତି କ'ଣ ଲେଖା ହେଇଛି କି ?
ସ୍ୱାମୀ: ଲେଖା ହେଇଛି– ଆପଣଙ୍କ ଉପସ୍ଥିତି ହିଁ ଆମ ପାଇଁ ଉପହାର, ଦୟାକରି ଉପହାର ଆଣିବେ ନାହିଁ ।


## ରିସର୍ଚ୍ଚ

ସ୍ୱାମୀ ସ୍ତ୍ରୀକୁ: ଖବରକାଗଜର ଏକ ଆର୍ଟିକଲ୍ ପଢି ଜାଣିଲି ଯେ, ପୁରୁଷମାନେ ପ୍ରେମ ବଜାୟ ରହିବା ଲାଗି ସ୍ତ୍ରୀଙ୍କୁ ମିଛ କୁହନ୍ତି । ତେଣୁ ସ୍ୱାମୀଙ୍କ ମିଛକୁ ଖରାପ ଅର୍ଥରେ ନେବା କଥା ନୁହଁ ।
ସ୍ତ୍ରୀ: ମୁଁ ବି ଏକ ରିସର୍ଚ୍ଚ ପଢି ଜାଣିବାକୁ ପାଇଛି ଯେ, ସ୍ତ୍ରୀମାନେ ଯଦି ସ୍ୱାମୀଙ୍କୁ ମାରନ୍ତି ତେବେ ତାଙ୍କ ଆୟୁଷ ବଢେ । ୟାକୁ ଆପ୍ଲାଏ କଲେ ତ ଭଲ ହୁଅନ୍ତା ।

## ସ୍ୱପ୍ନ

ସ୍ୱାମୀ ସ୍ତ୍ରୀକୁ: ତମେ ସବୁଦିନ କହୁଛ ସ୍ୱପ୍ନ ଦେଖୁଛ । ମୁଁ କେବେ ତୁମ ସ୍ୱପ୍ନରେ ଆସିନି ।
ସ୍ତ୍ରୀ: ନା
ସ୍ୱାମୀ: କାହିଁକି ?
ସ୍ତ୍ରୀ: ମୁଁ ପରା ଶୋଇବା ପୂର୍ବରୁ ହନୁମାନ ଚାଳିଶା ପଢି ଶୋଉଛି ।

# ଜଉଗଡ଼



ସମ୍ରାଟ ଅଶୋକଙ୍କ କଳିଙ୍ଗ ବିଜୟ ଖ୍ରୀ:ପୂ ୨୬୧ରେ । ଏହି ଯୁଦ୍ଧରେ ପ୍ରବଳ ରକ୍ତପାତ ଓ ବହୁ ମୃତାହତଙ୍କ ବିକଳ ଦୃଶ୍ୟ ଚଣ୍ଡାଶୋକଙ୍କୁ ରୂପାନ୍ତରିତ କଲା ଧର୍ମାଶୋକରେ । ସେ ବୁଝିଲେ ପ୍ରକୃତ ବିଜୟ ତରବାରିର ନୁହେଁ, ମଣିଷ ହୃଦୟର । ଏହି ପରିବର୍ତ୍ତନ ସ୍ମାରକୀ ରୂପେ ଖୋଦିତ ହେଲା ଶିଳାଲେଖ । ସେମିତି ଏକ ଶିଳାଲେଖର ପୀଠ ଜଉଗଡ଼ । କଳିଙ୍ଗ ଶାସନ ସମୟରେ ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଅଶୋକ ରାଜ୍ୟକୁ ଉତ୍ତର ଓ ଦକ୍ଷିଣ ଏମିତି ଦୁଇଭାଗରେ ବିଭକ୍ତ କରିଥିଲେ । ପ୍ରଶାସନର ମୁଖ୍ୟ କେନ୍ଦ୍ରଥିଲା ଉତ୍ତରରେ ତୋଷାଳୀ, ଯାହାକି ଆଧୁନିକ ଭୁବନେଶ୍ୱର ପାଖାପାଖି ଏକ ଗାଁ ବୋଲି ଚିହ୍ନଟ କରାଯାଏ । ଦକ୍ଷିଣରେ ଏକ ପ୍ରାଦେଶିକ କେନ୍ଦ୍ର ଥିଲା, ଯାହା ଜଉଗଡ଼ ପାଖରେ ଥିଲାବୋଲି ଅନୁମାନ କରାଯାଏ ।

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକର ପାଣ୍ଡିଆ ଗ୍ରାମ ଅଶୋକନଗର ମୌଜାର ନନ୍ଦପର୍ବତରେ ରହିଛି ଐତିହାସିକ 'ଜଉଗଡ଼' । ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ଦ୍ୱାରା ପାହାଡ଼ ଉପରେ ଏକ ଗ୍ରାନାଇଟ୍ ପ୍ରସ୍ତର ଖଣ୍ଡରେ ଖୋଦିତ ଅଶୋକଙ୍କ ଶିଳାଲେଖ ମିଳିଛି । ଏହି ପ୍ରାଚୀନ କୀର୍ତ୍ତିଟିର ଲମ୍ବ ପ୍ରାୟ ୨୫ ଫୁଟ୍ ହୋଇଥିବା ବେଳେ ଉଚ୍ଚତା ପ୍ରାୟ ୧୫ ଫୁଟ୍ । ଏହି ଐତିହ୍ୟସମ୍ପନ୍ନ ଜଉଗଡ଼ କୀର୍ତ୍ତିକୁ ନେଇ ଭିନ୍ନ ଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି । ଜଣେ ରାଜା ବିଜୟ ପରେ ବିଜୟ ସ୍ମାରକୀ ରୂପେ ଏକ ଦୁର୍ଗ ତିଆରି କରିଥିଲେ । ଯାହର ନାମ ରଖିଥିଲେ ଜୟ କଟକ ବା ଜୟଗଡ଼ । ଏହା ଥିଲା ଷଷ୍ଠ ଶତାବ୍ଦୀର କଥା । କାଳକ୍ରମେ 'ଜୟଗଡ଼' ଅପଭ୍ରଂଶ ହୋଇ 'ଜଉଗଡ଼' ହୋଇଛି । ଯାହାକି ଖ୍ରୀଷ୍ଟପୂର୍ବ ୨୬୧ରେ ଅଶୋକଙ୍କ କଳିଙ୍ଗ ଆକ୍ରମଣ ତଥା କଳିଙ୍ଗ ଯୁଦ୍ଧ ପରିପ୍ରେକ୍ଷୀରେ କିଛି ଐତିହାସିକ ମତ ଦିଅନ୍ତି । ଜଉଗଡ଼ଟି ତତ୍କାଳୀନ କଳିଙ୍ଗର ଅଂଶବିଶେଷ ଥିଲା । ତେଣୁ ଐତିହାସିକଙ୍କ ମତରେ କଳିଙ୍ଗ ଯୁଦ୍ଧର ପରିସମାପ୍ତି ପରେ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ । ସେ ଫେରିଯିବା ପୂର୍ବରୁ ତାଙ୍କର ଜଣେ ରାଜକର୍ମଚାରୀ ବାଚିନିକଙ୍କୁ ଏହି ଗଡ଼ର ଦାୟିତ୍ୱ ଦେଇଥିଲେ । ତାଙ୍କ ଦ୍ୱାରା ଏହା ଖ୍ରୀଷ୍ଟପୂର୍ବ ୨୬୧ରୁ ୨୫୮ ମଧ୍ୟରେ ଖୋଦିତ ହୋଇଥିବାର ଅନୁମାନ କରାଯାଏ । ଶିଳାନୁଶାସନଟି ମୁଖ୍ୟତଃ ରାଜକର୍ମଚାରୀ ଓ ପ୍ରଜାମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ, ଅଧିକାର ଓ ଦାୟିତ୍ୱ ପ୍ରତି ସଚେତନ କରିବା ପାଇଁ ଉଦ୍ଦିଷ୍ଟ । ଧର୍ମାଶୋକରେ ପରିଣତ ହେବା ପରେ ଅଶୋକ ସମସ୍ତ ପ୍ରଜାଙ୍କୁ ବହୁ ଜନମଙ୍ଗଳ କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହାକି ଆଧୁନିକ ଗଣତନ୍ତ୍ରର ଭିତ୍ତିଭୂମି ବା ମୂଳଦୁଆ ବୋଲି ଐତିହାସିକମାନେ ମତଦିଅନ୍ତି । ଲୋକକଥା ଅନୁସାରେ ଏହା ମାଳତିଗଡ଼ ନାମରେ ଏକ ଗଡ଼ଜାତ ଅଞ୍ଚଳ ଥିଲା । ଏଠାକାର ରାଜା ଥିଲେ ଆର୍ଯ୍ୟସୂତି । ସେତେବେଳେ ରାଜା ଆର୍ଯ୍ୟସୂତି ଘରଟିକୁ ଜଉରେ ନିର୍ମିତ କରିଥିଲେ । ଯାହାଦ୍ୱାରା ଏହା ଶତ୍ରୁମାନଙ୍କଲାଗି ଅଭେଦ୍ୟ ରହିଥିଲା । କେବଳ ଅଗ୍ନିରେ ହିଁ ଏହା ନଷ୍ଟହେବାର ଥିଲା, ଅନ୍ୟଥା ଏହା କୌଣସି ଭାବରେ ନଷ୍ଟ ହେବାରେ ନ ଥିଲା । ଏହି ବିଷୟରେ ରାଜାଙ୍କ ଲାଗି କ୍ଷୀରନେଇ ଯାଉଥିବା ଜଣେ ଗଉଡୁଣୀ ହିଁ ଜାଣିଥିବା ବେଳେ ଅନ୍ୟକେହି ବି ଜାଣିପାରି ନ ଥିଲେ । ଦିନେ ଶତ୍ରୁପକ୍ଷଙ୍କୁ ସେହି ଗଉଡୁଣୀ ଏହି ଘରର ଗୁପ୍ତରହସ୍ୟ କହିଦେଇଥିଲେ । ଯାହାଫଳରେ ଶତ୍ରୁପକ୍ଷ ଆସି ନିଆଁ ଲଗାଇ ପୋଡି ଧ୍ୱଂସ କରିଦେଇଥିଲେ । ଏ ସମ୍ପର୍କରେ ରାଜା ଜାଣିପାରି ଗଉଡୁଣୀକୁ ଅଭିଶାପ ଦେଇଥିଲେ । କୁହାଯାଏ ରାଜାଙ୍କ ଅଭିଶାପରେ ଗଉଡୁଣୀଟି କଳାମୁଗୁନି ପଥର ପାଲଟିଯାଇଥିଲା । ଏହି ପଥରଟି ବର୍ତ୍ତମାନ ପାଣ୍ଡିଆ ଗ୍ରାମ ନିକଟସ୍ଥ ଠାକୁରାଣୀ ମନ୍ଦିର ପରିସରରେ ଦେଖିବାକୁ ମିଳୁଛି । ଲୋକେ ଏହାକୁ 'ଗଉଡୁଣୀ ପଥର' ବୋଲି କହୁଛନ୍ତି । ଅନ୍ୟ ଏକ ଲୋକକଥା ଅନୁସାରେ ମହାଭାରତରେ ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ଅଜ୍ଞାତ ବନବାସ ସୟରେ ପୋଡ଼ି ମାରିବା ପାଇଁ ଜଉରେ ଏକ ଘର ତିଆରି କରିଥିଲେ । ତେଣୁ ଏହାର ନାମ ଜଉଗଡ଼ ହୋଇଅଛି । ଏଥିରେ କୌଣସି ଐତିହାସିକ ସତ୍ୟତା ନାହିଁ । ସେହିପରି ଏହି ଗଡ଼ଟିର ଚାରି ଦିଗରେ ୪ଟି ଶିବମନ୍ଦିର ଥିବାର କୁହାଯାଏ । ପୂର୍ବରେ ଦେଉଳପଲ୍ଲୀ ଗ୍ରାମରେ ଶଂକଳେଶ୍ୱର, ପଶ୍ଚିମରେ ରାଉଳପଲ୍ଲୀର ଗୁପ୍ତେଶ୍ୱର, ଉତ୍ତର ଦିଗରେ ବଡ଼ଖରିଡ଼ାରେ କାଳେଶ୍ୱର ତଥା ଦକ୍ଷିଣ ଦିଗରେ ପାଣ୍ଡିଆସ୍ଥିତ ଉତ୍ତରେଶ୍ୱର । ୧୮୫୮ ଖ୍ରୀଷ୍ଟାବ୍ଦରେ ମିନିଚିନ ନାମକ ଜଣେ ଇଂରେଜ ବଣିକ ଏହାକୁ ପ୍ରଥମେ ୟୁରୋପୀୟଙ୍କ ଦୃଷ୍ଟିଆକର୍ଷଣ କରିଥିଲେ । ୧୯୦୭ ମସିହାରେ ତତ୍କାଳୀନ ମାଡ୍ରାସ ପ୍ରୋଭିନ୍ସର ଗଭର୍ନର ଏହାର ରକ୍ଷଣାବେକ୍ଷଣ ଦିଗରେ ଯତ୍ନଶୀଳ ହୋଇ ଏହା ଉପରେ ଏକ ଘୋଡ଼ଣି ସଦୃଶ ଏକ ଟିଣର ଛପର ତିଆରି କରାଇଥିଲେ । ୧୯୬୨ ମସିହାଠାରୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ସମ୍ପୂର୍ଣ୍ଣ ସୁରକ୍ଷା ଦାୟିତ୍ୱ ବହନ କରି ଏହା ଉପରେ ଏକ କଂକ୍ରିଟ ଛାତ କରିବା ସହ ସମ୍ମୁଖ ଭାଗକୁ ଲୁହାର ଗ୍ରିଲ୍ ଦ୍ୱାରା ସଂରକ୍ଷିତ କରି ସେହି ଲେଖାରେ କିଛି ରାସାୟନିକ ପ୍ରଲେପ ଦ୍ୱାରା ଅକ୍ଷରଗୁଡ଼ିକୁ ସଂରକ୍ଷିତ କରିଥିଲେ । ଏଠାରୁ ଅନେକ ତାମ୍ରମୁଦ୍ରାର ସନ୍ଧାନ ମିଳିଥିଲା । ଯାହା କୁଶାଣ ମୁଦ୍ରା ବୋଲି ଚିହ୍ନଟ କରାଯାଏ । ଏହି ପୀଠର ସୁରକ୍ଷା ଦାୟିତ୍ୱରେ କିଛି କର୍ମଚାରୀ ରହିଛନ୍ତି ।


– ସବିତା ମିଶ୍ର












ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ଏକାଧିକ ପର୍ଯ୍ୟଟନକ୍ଷେତ୍ର ରହିଛି। ସେଥିମଧ୍ୟରୁ ଯୋଗୀମଠ ଜଳପ୍ରପାତ ଅନ୍ୟତମ। ଏହି ଜଳପ୍ରପାତ ନିକଟରେ ବିଶାଳ ପଥର ଖଣ୍ଡ ଥାକ ଥାକ ହୋଇ ସଜେଇଲା ଭଳି ରହିଥିବା ପର୍ଯ୍ୟଟକ ଦେଖିପାରିବେ। ଆଉ ସେହି ପଥର ସନ୍ଧିରୁ ପ୍ରାୟ ୪୦ ଫୁଟ୍ ଉଚ୍ଚତାରୁ ଜଳପ୍ରପାତର ଜଳ ପଡୁଥିବାର ଦୃଶ୍ୟ ଦେଖିବାକୁ ବେଶ୍ ଆକର୍ଷକ ଲାଗିଥାଏ। ପାହାଡ଼, ଜଙ୍ଗଲ ପରିବେଷ୍ଟିତ ଏଠାକାର ଶାନ୍ତ ପରିବେଶରେ କିଛି ସମୟ ବିତାଇଲେ ମନକୁ ବେଶ୍ ଫୂର୍ତ୍ତି ଅନୁଭବ ହୁଏ।

# ଦାରିଙ୍ଗବାଡ଼ିର ଯୋଗୀମଠ ଜଳପ୍ରପାତ



### ନାମକରଣକୁ ନେଇ ଲୋକକଥା

ସୁନ୍ଦର ପ୍ରାକୃତିକ ପରିବେଶ ମଧ୍ୟରେ ରହିଥିବା ଏହି ଯୋଗୀମଠ ଜଳପ୍ରପାତକୁ ନେଇ କିଛି ଲୋକକଥା ଶୁଣିବାକୁ ମିଳେ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଆଜକୁ ଅନେକ ବର୍ଷ ପୂର୍ବେ ଉକ୍ତ ଜଳପ୍ରପାତ ନିକଟରେ ଯୋଗୀମାନେ ବସବାସ କରି ଜପତପ କରି ମନ ଓ ଶରୀରକୁ ସୁସ୍ଥ ରଖୁଥିଲେ। କିନ୍ତୁ କେତେଜଣ ଅସୁର ପ୍ରକୃତିର ଲୋକ ସେମାନଙ୍କୁ ହତ୍ୟା କରିଥିଲେ। ଏବେ ବି ଏଠାକାର କିଛି ସ୍ଥାନରେ ଯୋଗୀମାନଙ୍କର ଅସ୍ଥି ପଡିଥିବାର କୁହାଯାଉଛି। ଏଥିରେ ସତ୍ୟତା ରହିଛି ନା କେବଳ ଲୋକକଥା, ତାହା ଉପରେ ଗବେଷକମାନେ ଏବେ ଏଠାରୁ ନମୁନା ସଂଗ୍ରହ କରି ଗବେଷଣା ଜାରି ରଖିଥିବା କଥା ବି ଶୁଣିବାକୁ ମିଳୁଛି। ଯେହେତୁ ଯୋଗୀମାନେ ଏଠାରେ ବସବାସ କରୁଥିଲେ, ସେଥିପାଇଁ ସ୍ଥାନୀୟ ଅଞ୍ଚଳବାସୀ ଏହି ଜଳପ୍ରପାତକୁ ଯୋଗୀମଠ ଜଳପ୍ରପାତ ବୋଲି କହିଥାନ୍ତି। ତା'ଛଡ଼ା କେହି କେହି ମଧ୍ୟ ଏହାକୁ ଯୋଗୀନ୍ଦ୍ରା ବୋଲି ବି ସମ୍ବୋଧନ କରିଥାନ୍ତି।

### ଏଠି କ'ଣ ରହିଛି ସୁବିଧା ଓ ଅସୁବିଧା

ଜଙ୍ଗଲ ପରିବେଶ ମଧ୍ୟରେ ରହିଥିବା ଏହି ଜଳପ୍ରପାତ ନିକଟକୁ ଯିବା ପାଇଁ ପକ୍କା ରାସ୍ତା ଏଯାଏ ହୋଇ ନ ଥିଲା। ଆବଡ଼ା ଖାବଡ଼ା ରାସ୍ତା ଦେଇ ଚାଲି ଚାଲି ଏଠାକୁ ଯିବାକୁ ପଡୁଥିଲା। ଚଳିତ ବର୍ଷ ଏଠାରେ ରାସ୍ତା ନିର୍ମାଣ କାର୍ଯ୍ୟ ସହ ଜଳପ୍ରପାତ ନିକଟକୁ ସୁବିଧାରେ ଯିବା ପାଇଁ ପାହାଚର ସୁବିଧା କରାଯାଇଛି। ସେହିପରି ଯିବା ରାସ୍ତାରେ ଏକ ନାଳ ବାଧକ ସାଜୁଥିବାରୁ ସେଠାରେ ଶୀଘ୍ର ଏକ କଲଭର୍ଟ ନିର୍ମାଣ କରାଇବାକୁ ଯୋଜନା ମଧ୍ୟ ହୋଇଛି। ଏତେ ସବୁ ଅସୁବିଧା ସତ୍ତ୍ୱେ ବି କେତେକ ପର୍ଯ୍ୟଟକ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇ ବୁଲି ଆସୁଛନ୍ତି। ବଣଭୋଜି କରିବାକୁ ଏଠାରେ ଏକ ବିସ୍ତୀର୍ଣ୍ଣ ପଥର ଚଟାଣ ରହିଛି। କିନ୍ତୁ ପାଖରେ କୌଣସି ଦୋକାନ ବଜାର ନାହିଁ। ସବୁ ଜିନିଷ ଦାରିଙ୍ଗବାଡ଼ି ହେଉ କି ନିକଟସ୍ଥ ବ୍ରାହ୍ମଣୀ ଗାଁ ଅବା ଗଦାପୁରରୁ କିଣିକି ନେବାକୁ ହୋଇଥାଏ। ଆଉ ପାଣି ପାଇଁ ଲୋକେ ଚାହିଁଲେ ଯୋଗୀମଠ ଜଳପ୍ରପାତର ଜଳକୁ ବ୍ୟବହାର କରିପାରିବେ। ଏଠାରେ ରାତ୍ରିଯାପନ ପାଇଁ କୌଣସି ସୁବିଧା ନାହିଁ। ତେଣୁ ବଣଭୋଜି ଅବା ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଏଠାରେ ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ରହି ତା'ପରେ ଫେରିଯିବା ଉତ୍ତମ।

### ଅନ୍ୟାନ୍ୟ ଆକର୍ଷଣ

ଏହି ସ୍ଥାନଟି ଜନଜାତି ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଯିବାଆସିବା ରାସ୍ତାରେ ପର୍ଯ୍ୟଟକ ଏଠାରେ କେତେକ ଜନଜାତି ସମ୍ପ୍ରଦାୟ ଲୋକମାନଙ୍କର ଗାଁ ମଧ୍ୟ ବୁଲି ଦେଖିପାରିବେ। ଏଠାରେ ପାରମ୍ପରିକ ହଳଦୀ ଚାଷ ସମେତ ମକା ଚାଷ, ପନିପରିବା, କୁଏରୀ, ମାଣ୍ଡିଆ, ଡାଲି ଜାତୀୟ ଫସଲ ଚାଷ ଆଦି କରାଯାଇଥାଏ। ପର୍ଯ୍ୟଟକ ଏସବୁର ମଧ୍ୟ ନିଆରା ଅନୁଭୂତି ନେଇପାରିବେ। କେବଳ ସେତିକି ନୁହେଁ, ଯୋଗୀମଠ ଜଳପ୍ରପାତ ବୁଲି ଆସୁଥିବା ପର୍ଯ୍ୟଟକ ଦାରିଙ୍ଗବାଡିର ଡୁଲୁରୀ ପାଇନବଣ, କଫି ବଗିଚା, ଦାରିଙ୍ଗବାଡିର ମିଡିୟୁବାନ୍ଦା ଜଳପ୍ରପାତ ଆଦି ବି ବୁଲି ଦେଖିପାରିବେ।

### କେବେ ଓ କେମିତି ଯିବେ

ରାସ୍ତାଘାଟର ଭଲ ସୁବିଧା ତଥା ପ୍ରଚାର ପ୍ରସାର ନ ଥିବାରୁ ଏହି ସୁନ୍ଦର ପର୍ଯ୍ୟଟନ କ୍ଷେତ୍ରଟି ଲୋକଲୋଚନର ଆଢୁଆଳରେ ରହିଯାଉଛି। ଯେଉଁ ଅଳ୍ପ କିଛି ଲୋକ ଏହି ସ୍ଥାନ ବିଷୟରେ ଜାଣିଛନ୍ତି ସେମାନେ ଏଠାକୁ ଆସୁଛନ୍ତି। ଅନ୍ୟଦିନ ଅପେକ୍ଷା ଖରାଦିନେ ଓ ଶୀତଦିନେ ବଣଭୋଜି କରିବାକୁ ଏଠାକୁ କିଛି ଲୋକ ଆସିଥାନ୍ତି। ଏଠାକୁ ଯିବାକୁ ହେଲେ ପର୍ଯ୍ୟଟକ ଗଞ୍ଜାମ ଜିଲାର ଆସିକା ଓ ସୋରଡ଼ା ଦେଇ ଦାରିଙ୍ଗବାଡି ବ୍ଲକ ହେଡ୍‌କ୍ୱାର୍ଟରରେ ପ୍ରଥମେ ପହଞ୍ଚିବେ। ତା'ପରେ ସେଠାରୁ ପ୍ରାୟ ୫୦ କି.ମି. ଦୂର ସରାମୁଳି ପଞ୍ଚାୟତକୁ ଯିବେ। ଆଉ ସେହି ସ୍ଥାନରୁ ପ୍ରାୟ ୧୦ କି.ମି. ଦୂରରେ ରହିଛି ଏହି ଯୋଗୀମଠ ଜଳପ୍ରପାତ। ଉକ୍ତ ପର୍ଯ୍ୟଟନ କ୍ଷେତ୍ରର ପୂରା ନିକଟକୁ କୌଣସି ଗାଡ଼ି ଯାଇପାରିବ ନାହିଁ। ପ୍ରାୟ ଦେଢ କି.ମି ଦୂରରେ ଗାଡ଼ି ରଖି ସେଠାରୁ ଚାଲି ଚାଲି ଯିବାକୁ ହେବ। ସେହିପରି ଯେଉଁମାନେ ଗଜପତି ଜିଲାପଟୁ ଆସୁଛନ୍ତି ସେମାନେ ମୋହନା ଦେଇ ବ୍ରାହ୍ମଣୀଗାଁ ହୋଇ ସରାମୁଳି ପଞ୍ଚାୟତରେ ପହଞ୍ଚିବେ। ଆଉ ତା'ପରେ ଜଳପ୍ରପାତ ନିକଟକୁ ଯିବେ। ଭୁବନେଶ୍ୱରରୁ ଏହା ପ୍ରାୟ ୩ଶହ କି.ମି. ଦୂର ହେବ।

–ଅରୁଣ କୁମାର ସାହୁ





# ମିଶି ବି ମିଶି ପାରନ୍ତି ନାହିଁ କାହିଁକି ଏ ଜଳରାଶି

ପ୍ରଶାନ୍ତ ମହାସାଗର ଓ ଆଟଲାଣ୍ଟିକ ମହାସାଗର ପୃଥିବୀର ଦୁଇଟି ସର୍ବ ବୃହତ୍ ଜଳଭଣ୍ଡାର । ତେବେ ଏହି ଦୁଇ ମହାସାଗର ଯେଉଁଠି ମିଶିଥାନ୍ତି ସେଠି କିନ୍ତୁ ଘଟେ ଏକ ଅଜବ ଘଟଣା । ଦୁଇ ମହାସାଗର ମିଶି ବି ସେମାନେ ମିଶି ନ ଥାଆନ୍ତି ପରସ୍ପର ସହ । ଏକ ଲମ୍ବା ଗାର ତଥା ଲକ୍ଷ୍ମଣ ରେଖା ପଡ଼ିଲା ଭଳି ଦେଖାଯାଏ ମିଳନ ସ୍ଥଳଟି । ଏହି ବିଚିତ୍ର ଘଟଣା କ'ଣ ପାଇଁ ଘଟେ ଜାଣନ୍ତୁ ସେ ସମ୍ପର୍କରେ..



ଗଲ୍ଫ ଅଫ୍ ଆଲାସ୍କାରେ ମିଳନ ହୋଇଥାଏ ପ୍ରଶାନ୍ତ ମହାସାଗର ଓ ଆଟଲାଣ୍ଟିକ ମହାସାଗରର । ହେଲେ ଏହି ସ୍ଥାନରେ ଦେଖିବାକୁ ମିଳେ ଏକ ଦୁର୍ଲଭ ପ୍ରାକୃତିକ ଘଟଣା । ଲାଗେ ସତେ ଯେମିତି ଦୁଇ ମହାସାଗର ଏଠି ମିଶି ବି ମିଶି ନ ଥାଆନ୍ତି । ଲାଗେ ସତେ ଯେମିତି ପରସ୍ପର ସହ ମିଶିବାକୁ ଇଚ୍ଛା ନ ଥାଏ ତାଙ୍କର । କେବଳ ଗଲ୍ଫ ଅଫ୍ ଆଲାସ୍କା ନୁହେଁ ପ୍ରୟାଗ ରାଜର ସଙ୍ଗମ ସ୍ଥଳ, ଯେଉଁଠିକି ଗଙ୍ଗା, ଯମୁନା ଓ ପୌରାଣିକ ସରସ୍ୱତୀ ନଦୀର ମିଳନ ହୁଏ । ସେଠି ମଧ୍ୟ ତିନିନଦୀର ସଙ୍ଗମ ହେଉଥିଲେ ହେଁ, ଜଳ ପରସ୍ପର ସହ ମିଶି ପାରି ନ ଥାଏ । ପୃଥିବୀରେ ଆଉ କିଛି ସ୍ଥାନ ବି ଅଛି, ଯେଉଁଠି ପାଣିର ସ୍ରୋତ ମିଶି ବି ପରସ୍ପର ସହ ମିଶି ପାରି ନ ଥାଆନ୍ତି । ଲାଗେ ସତେ ଯେମିତି ଏହି ଜଳରାଶି ପରସ୍ପର ସହ ମିଶି ବି ପରସ୍ପର ସହ ମିଶିବାକୁ ଚାହାନ୍ତି ନାହିଁ । ଅର୍ଥାତ୍ ମିଳନ ସ୍ଥଳର ଗୋଟିଏ ଭାଗରେ ସ୍ୱଚ୍ଛ ନୀଳ ରଙ୍ଗର ଜଳ ଦେଖିବାକୁ ମିଳୁଥିବାବେଳେ ଅନ୍ୟ ପାର୍ଶ୍ୱରେ ଦେଖିବାକୁ ମିଳେ ମାଟିଆ ପାଣି । ଲାଗେ ସତେ ଯେମିତି ପ୍ରକୃତି ଏହି ଦୁଇ ମହାସାଗର ମଝିରେ ସୀମାରେଖା ଅବା ଲକ୍ଷ୍ମଣ ରେଖା ଟାଣି ଦେଇଛି ।





ଏଭଳିଭାବେ ଜଳ ନ ମିଶିବା ପଛରେ ଥିବା କାରଣ ସମ୍ପର୍କରେ ବୈଜ୍ଞାନିକମାନେ ମତ ଦିଅନ୍ତି ଯେ, ଦୁଇ ମହାସାଗର ଜଳର ବିଶେଷତ୍ୱ ଭିନ୍ନ ଭିନ୍ନ । ଯେମିତିକି ଲବଣର ମାତ୍ରା, ଧାରାର ଗତି ଓ ଏହା ମଧ୍ୟରେ ପ୍ରବାହିତ ହେଉଥିବା ପଦାର୍ଥର ମାତ୍ରା ବି ଅଲଗା ଅଲଗା । ଆଟଲାଣ୍ଟିକ ମହାସାଗର ପ୍ରଶାନ୍ତ ମହାସାଗରଠାରୁ ଅଧିକ କ୍ଷାରୀୟ । ଯେବେ ଲବଣ ମାତ୍ରାରେ ଅଧିକ ଅନ୍ତର ଥିବା ଦୁଇ ଜଳଧାରା ପରସ୍ପର ସହ ମିଶନ୍ତି ସେମାନେ ମିଶି ଭଲରେ ମିଶି ପାରନ୍ତି ନାହିଁ । ଏହାବାଦ ଉଭୟ ସମୁଦ୍ରର ଜଳ ମଧ୍ୟରେ ସାନ୍ଦ୍ରତା, ତାପମାତ୍ରା, ଘନତ୍ୱ ଓ ପଟୁର ସ୍ତରରେ ବି ଭିନ୍ନତା ରହିଛି । ଉଦାହରଣ ସ୍ୱରୂପ ପାଣି ଓ ତେଲ ଉଭୟ ତରଳ ଅବସ୍ଥାରେ ଥାଆନ୍ତି ହେଲେ ଉଭୟଙ୍କ ଗୁଣ ପରସ୍ପରଠାରୁ ଭିନ୍ନ । ତେଣୁ ମିଶି ପାରନ୍ତି ନାହିଁ । ସେହିଭଳି ଦୁଇ ଭିନ୍ନ ଭିନ୍ନ ଘନତ୍ୱର ମହାସାଗରୀୟ ଜଳ ଯେବେ ମିଶନ୍ତି ଉଭୟ ମିଶିବାକୁ ବିରୋଧ କରନ୍ତି । ଫଳରେ ଉଭୟ ମଧ୍ୟରେ ଏକ ସ୍ପଷ୍ଟ ସୀମାରେଖା ସୃଷ୍ଟି ହୋଇଯାଏ ।

# ଚୁମ୍ବନ ଦେଉଥିବା ରୋବୋ



ଷ୍ଟ୍ରଙ୍ଗ, ଟଫ୍ ଓ ଇମୋସନ୍‌ଲେସ୍ ଭଳି ଶବ୍ଦ ବ୍ୟବହାର ହୁଏ ରୋବୋ ସହିତ । ତେଣୁ ଏହି ଧାରାରେ ପରିବର୍ତ୍ତନ ଆଣିବା ଲାଗି ଜାପାନରେ ତିଆରି ହୋଇଛି ଏମିତି ଏକ ହ୍ୟୁମାନୋଏଡ ରୋବୋ, ଯାହାର ଶରୀର ସୁନ୍ଦରୀ ନାରୀ ଶରୀର ଭଳି କର୍ଭି । ଜାପାନର ସେଗା ନାମକ କମ୍ପାନୀ ଏହି ସୁଇଟ୍ ଓ ଇଣ୍ଟରାକ୍ଟିଭ ରୋବୋକୁ ନିର୍ମାଣ କରିଛି । ଯାହାର ନାଁ 'ଏମା' । ମାତ୍ର ୩୮ ସେ.ମି. ଉଚ୍ଚତାର ଏହି କ୍ୟୁଟ୍ ରୋବୋ ନାରୀଙ୍କ ଭଳି ଚାଲେ ଓ ନିଜ ଫ୍ୟାନଙ୍କୁ ଫ୍ଲାଇଂ କିସ୍ ଦିଏ । ଏହାର ଲଭ୍ ମୋଡ ଅନ୍ ଥିଲେ ୬୦ ପ୍ରକାରର ପ୍ରେମଭରା ଆକ୍ଟିଭିଟି କରେ । ତନ୍ମଧ୍ୟରେ କିସ୍ ଦେବା ଅନ୍ୟତମ । ଏଥିରେ ଥିବା ଇନଫ୍ରାରେଡ୍ ସେନ୍ସର୍ ମାଧ୍ୟମରେ ପାଖରେ ଥିବା ପୁରୁଷଙ୍କୁ ଏମା ଡିଟେକ୍ଟ କରିନିଏ । ଆଉ ତାଙ୍କ ପାଖକୁ ଯାଇ ତାଙ୍କ କପାଳ ଓ ଓଠକୁ ଚୁମ୍ବନ ଦେଇଥାଏ । କହିବାକୁଗଲେ ଗର୍ଲଫ୍ରେଣ୍ଡ ଭଳି ଟ୍ରିଟ୍ କରିଥାଏ ଏମା । ତା'ଛଡ଼ା ଏମା ସୁନ୍ଦର ଗୀତ ବି ଗାଇପାରେ । ଏହାର ମୂଲ୍ୟ ପ୍ରାୟ ୧୫୦୦୦ଟଙ୍କା ।





## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ପ୍ରେସରରେ ସଂସାର

ଗଲା କାଲି ପାଢ଼ୀବାବୁଙ୍କ ପ୍ରାଣ ଯିବା କଥା ଶୁଣି ଚମକି ପଡିଲି । ବିଚରା ଭାବିଥିଲେ, ବଳ ବୟସ ଥାଉ ଥାଉ ପିଲାଙ୍କୁ ବାହାଦେଇ ସୁଖରେ ସଂସାର କାର୍ଯ୍ୟ ସାରି ଶାନ୍ତିରେ ମରଣକୁ ବରଣ କରିବେ ବୋଲି । କିନ୍ତୁ ଇଏ କ'ଣ ! ଅବଶ୍ୟ ସେ ଭାରି ପ୍ରେସରରେ ରହୁଥିଲେ ବୋଲି ଶୁଣିଥିଲି । ଝିଅକୁ ବାହାଦେଲାପରେ, ସିଏ ଶାଶୁଘର ଛାଡ଼ି ଘରେ ଆସି ରହୁଥିଲା । ପୁଅକୁ ବାହାଦେଲା ପରେ, ବୋହୂ ଛାଡ଼ି ପଳେଇଥିଲା । ଅଫିସରେ ପ୍ରେସରରେ ପଡ଼ି ଚାକିରି କାଳ ଦଶବର୍ଷ ଥାଉ ଥାଉ ସ୍ୱେଚ୍ଛାରେ ଛାଡିଥିଲେ । ପଇସା ପତ୍ରରେ ନିଅଣ୍ଟିଆ ପ୍ରେସର ସାଙ୍ଗକୁ, ନିନ୍ଦା ଅପମାନର ପ୍ରେସର ତାଙ୍କ ସରମକୁ, ସମ୍ମାନକୁ କେତେ ଆଗରୁ ଜାଳିପୋଡି ଦେଇଥିଲା । ତାଙ୍କ ମର ଶରୀର ଯାହା ଜୁଇରେ ଜଳିଥିବ ।

ଆଜିକାଲି ପ୍ରାୟ କେହି କିଛି କରୁନାହାନ୍ତି, ଯାହା ସବୁ କରୁଛି ପ୍ରେସର । ଏବେ ପ୍ରେସରରେ ସାରା ସଂସାର । ଘରେ ପ୍ରେସର । ବାହାରେ ପ୍ରେସର । ତଳୁ ପ୍ରେସର । ଉପରୁ ପ୍ରେସର । ସାଙ୍ଗର ପ୍ରେସର । ଶ୍ୱଶୁରଙ୍କର ପ୍ରେସର ତ କେବେ ଶାଳକ-ଶାଳୀଙ୍କ ପ୍ରେସର । ପତ୍ନୀ-ପିଲାଙ୍କ ପ୍ରେସର ତ ବାପା-ମା'ଙ୍କ ପ୍ରେସର । ଅଫିସରେ ସାର୍, ବାହାରେ ଅ-ସାର୍ ମାନଙ୍କର ପ୍ରେସର । ଗୁଣ୍ଡା-ହୁଣ୍ଡା ଦାଦା-ଦାଦୁଙ୍କ ପ୍ରେସର ଯାଦୁ ଠାରୁ ବି ଆହୁରି ଭୟଙ୍କର । କେବେ ଲୋକାଲ ଦାଦା ତ କେବେ ନେତା ମନ୍ତ୍ରୀ, କେବେ ସାଧାରଣ ଖାଉଆ-ସର୍ବଗିଳା ଜନତାଙ୍କ ପ୍ରେସରରେ ପଡ଼ି ବ୍ଲଡ୍ ପ୍ରେସର ହାଇ ଏମିତି ଯେ, ଆଉ ଔଷଧ କାମ କରୁନି । ପ୍ରେସର କୁକରର ହୁଇସିଲ ଶବ୍ଦରେ ଯେମିତି ଏତେ ପ୍ରେସର ଥାଏ ଯେ, ସବୁ ଛାଡ଼ି ଆଗ ତା' ଷ୍ଟିମ ବା ପ୍ରେସର ନ କମାଇବା ଯାଏ, ତର ସହେନି, ଠିକ୍ ସେମିତି ସବୁବେଳେ ସବୁଆଡୁ ସବୁ ପ୍ରକାରିଆ ସବୁଠି ପ୍ରେସର ହିଁ ସବୁ କରୁଛି,-ମଣିଷ କିଛି କରୁନାହିଁ । ଯେମିତି ମଣିଷ ଆଉ ମଣିଷ ହୋଇ ନାହିଁ ପ୍ରେସରର କଣ୍ଟାରେ ଭର୍ତ୍ତି ପଣସ ହୋଇଯାଇଛି । ଯୁବଗୋଷ୍ଠୀ ସାରା ରାତି ଆଖିରେ ପ୍ରେସର ପକେଇ, ମୋବାଇଲ କେଞ୍ଚିବାରେ ବ୍ୟସ୍ତ । ରାଜନୀତିଆ ରାତିସାରା କୁଟ-କପଟରେ ବିରୋଧୀଙ୍କୁ ହରେଇବା ପ୍ରେସରରେ ବ୍ୟସ୍ତ । ଅବାଟରେ କୁଢ଼କୁଢ଼ ଟଙ୍କା କମେଇ ଘରେ, ବ୍ୟାଙ୍କରେ ଜମେଇ, ଭିଜିଲାନ୍ସ, ଇଡିଙ୍କ ପ୍ରେସରରୁ କେମିତି ଆପେ ବଞ୍ଚିବ, ଟଙ୍କା ପାହାଡ଼କୁ କୋଉଠି ଲୁଚେଇବ, ସେଇ ପ୍ରେସରର ଅସ୍ତବ୍ୟସ୍ତ । ନିଶାଡ଼ିମାନେ ନିଶା ପ୍ରେସରରେ ଏତେ ଚିନ୍ତିତ ଓ ବିବ୍ରତ ଯେ, ଜୀବନ ପ୍ରକୃତରେ ଅସ୍ତ ହେବା ଆଗରୁ ଭାରି ଅସ୍ତବ୍ୟସ୍ତ । ଘରଣୀ ପ୍ରେସରରେ ଗିରସ୍ତ ହେଉ, କି ପ୍ରେମିକା ପ୍ରେସରରେ ପ୍ରେମିକ ହୁଅନ୍ତୁ, ନାହିଁ ନ କଲା କରମ କରି କଲବଲ ହେଉଛନ୍ତି ତ କୋଉଠି ଲଭ୍ ଜିହାଦିଆଙ୍କ ପ୍ରେସରରେ ପ୍ରେମିକା ଫସି ପ୍ରାଣ ବଞ୍ଚେଇବା ଚିନ୍ତାରେ ବ୍ୟସ୍ତ । ଶାସକ ଦଳ ବିରୋଧୀଙ୍କ ପ୍ରେସରରେ ଅଣନିଃଶ୍ୱାସୀ ତ ବିରୋଧୀଏ ବାହାର ପ୍ରେସରରେ ଶାସନ-ସରକାରକୁ ଭାଙ୍ଗିବାରେ ପ୍ରୟାସୀ । ରୋଗୀ ରୋଗର ପ୍ରେସରରେ ଡାକ୍ତରଙ୍କୁ ପ୍ରଶ୍ନ ପରେ ପ୍ରଶ୍ନ କରି ଡାକ୍ତରଙ୍କ ପ୍ରେସର ବଢ଼େଇ, ମେଡିସିନ, ଟେଷ୍ଟିଂ କରି ନୟାନ୍ତ ଓ ଖର୍ଚ୍ଚାନ୍ତ । ଡାକ୍ତର ଚିକିମିକିଆ ଡାକ୍ତରଖାନାର ମ୍ୟାନେଜମେଣ୍ଟ ପ୍ରେସରରେ ହେଉ କି ଘରେ ପଇସା ପାଇଁ ହେଉଥିବା ଦାବିର ପ୍ରେସରରେ ଅଥବା ରୋଗୀଙ୍କ ପାଖଲୋକଙ୍କ ମାଡ଼ଗାଳିର ପ୍ରେସର ଅବା ଉପର ସ୍ତରରେ ପାୱାର ପ୍ରେସର ହେଉ, ଆଖିରୁ ନିଦ ହଜେଇ ନିଜ ବ୍ଲଡପ୍ରେସର ସୀମା ଡିଆଇଁ, ନିଦ ବଟିକା ସହ ପ୍ରେସର ମେଡିସିନ ଗିଳିବାରେ ବ୍ୟସ୍ତ ।

ଏବର ମଣିଷ ପ୍ରେସର ରନ୍ଧା ଖାଇ, ପ୍ରେସରରେ ନିଦ ହଜେଇ, ଘରେ ପିଲା ପରିବାରଙ୍କ କର୍ମ-କ୍ଷେତ୍ରରେ ଅଫିସର ଅବା ପବ୍ଲିକ ପ୍ରେସରରେ, ପ୍ରେସର-କୁକରରେ ସିଝିଲା ଭଳିଆ ନିଇତି ସିଝି ସିଝି ଟଙ୍କାମୋହରେ, ପ୍ରେମ-ପ୍ରୀତି ପାଇବା ଲୋଭରେ ଅନିଶ୍ଚିତ ଜୀବନରେ ସୁଖ ଖୋଜୁଛି !





ଚୋରର ପୋଲିସ ଧରିବା ଭୟର ପ୍ରେସର, ତ ପୋଲିସ ଚୋର ଧରିବା କିମ୍ୱା ଧରିଲେ ବି ଉପର ମୁଣ୍ଡର ପ୍ରେସରରେ କେମିତି ନିର୍ଦ୍ଦୋଷ ବୋଲି ଛାଡିବାର ପ୍ରେସରରେ ଚଳୁ ଚଳୁ ବାଲାନ୍ସ ଫେଏଲ ହେଲେ, ଆତ୍ମହତ୍ୟା କଲାଣି, ତ କେଉଁଠି ପିଲା ଉପରେ ସାର୍ କି ଗାର୍ଡିଆନଙ୍କ ପ୍ରେସର ତାକୁ ଅକାଳ ମରଣ ଆଡ଼କୁ ଟାଣିନେଲାଣି । ବାଢୁଅ ଝିଅର ପ୍ରେସରଠାରୁ ବାହାଦେଇଥିବା ଝିଅର ଶାଶୁଘର ପ୍ରେସର କଥା, ଡିମାଣ୍ଡ ବଢ଼େଇବା କି ମାରିବାର ଧମକ କଥା ଶୁଣି ନିଜ ପ୍ରେସର ଏତେ ହାଇ ହେଉଛି ଯେ, ମେଡିସିନକୁ ବି ପ୍ରେସର ପଡୁଛି । ପୁଅକୁ ବାହା ଦେବାପାଇଁ ଯେତିକି ମା'-ବାପା ପ୍ରେସରରେ ଥିଲେ, ବୋହୂର ଚାଲି ଚଳଣ, ଡିଭୋର୍ସ ଦେବାର ଧମକ ଶୁଣି, ପ୍ରେସର ଶହେଗୁଣା ବଢ଼ି ଯାଉଛି । ଦୁନିଆରେ କିଛି ନ କଲେ ପ୍ରେସର, କଲେ ଆହୁରି ପ୍ରେସର । ମଲେ, ଦୂରରେ ଥିବା ପିଲାଙ୍କୁ ତା' ଠାରୁ ବଳିକି ପ୍ରେସର । ଆଜିକାଲି ଆଉ କୋଉଟା ସ୍ୱାଭାବିକ ହେଉଛି କି ? ବରଷାରାଣୀ ବି ଲଘୁଚାପରେ ମାନେ ଲୋ-ପ୍ରେସରରେ ।

ଆଜ୍ଞା, ଆପଣ ଭାବୁଛନ୍ତି କି ପ୍ରେସର ଖରାପ ବୋଲି ? ନାଇଁ ନାଇଁ । ପ୍ରେସରର ଭଲଗୁଣ ଜାଣିଲେ ପ୍ରଶଂସା ନ କରି ରହି ପାରିବେନି । ବେଲୁନରେ କି ଗାଡ଼ି ଚକାରେ ପ୍ରେସର ନ ଦେଲେ ସବୁ ବେକାର । ଅଧିକ ପ୍ରେସର ଦେଲେ ବି ଠୋ, ବେକାର । ଆବଶ୍ୟକ ମୁତାବକ ଦେଲେ ପ୍ରେସର, ଚକ ଗଡ଼ଇ ସରସର । ବିନା ପ୍ରେସରରେ ବୁନ୍ଦିଆ, ଆଉ ପୁଣି ହାତ ପ୍ରେସର କରାମତିରେ ସୁନ୍ଦର ଲଡୁ ହୁଏ । ପ୍ରେସର ଦେଇ ରଶିରେ କସିକି ବାନ୍ଧିଲେ ଝାଡୁ ହୋଇ ଅଳିଆ ସଫା କରେ, ରଶି ପ୍ରେସର ମୁକ୍ତ ହେଲେ, ସେଇ ଝାଡୁ ଘର ଅଳିଆ କରେ । ପରିବାରରେ ମୁରବିଙ୍କ ଆବଶ୍ୟକ ଢଙ୍ଗରେ ସ୍ନେହର ପ୍ରେସର ପିଲାଙ୍କୁ ଭଲ ମଣିଷ କରେ । ମାତ୍ର ବିନା ପ୍ରେସର ବା ଅତି ହାଲୁକା ପ୍ରେସର, ପିଲା ଜୀବନକୁ ସର୍ବନାଶ ବା ବରବାଦ କରେ ।

ଭାରତ ଯଦି ପାକିସ୍ତାନ ଉପରେ ଠିକ୍ ବେଳରେ ଠିକଣା ଜାଗାରେ ପ୍ରେସର ନ ଦେଇ ଥାଆନ୍ତା, ତେବେ ପାକିସ୍ତାନ ଅଳପ ଦିନରେ ଭାରତର ଭୂଗୋଳ ବଦଳେଇଦେବା ଅସମ୍ଭବ ହୋଇ ନ ଥାନ୍ତା । ଅପରେସନ ସିନ୍ଦୂର ପ୍ରେସର ପାଇଁ ପାଟି ଖନି ମାରିଯାଉଛି, ଛାତି ଧୁଡୁ ଧୁଡୁ ହେଉଛି । ଚାଇନା, ତୁର୍କି, ଆମେରିକା ଯାଏ ଘିରିଘିରି ହେଇ ସାହାଯ୍ୟର ଭିକ ମାଗି ବୁଲୁଛି । ଏ ଟିକେ ସିଲିଣ୍ଡର ଭିତରେ ଆବଶ୍ୟକ ପରିମାଣ ପ୍ରେସର ଦେଇ ଉପଯୁକ୍ତ ଓଜନର ଗ୍ୟାସ ରଖିବାରୁ ସିନା ମାସେ ଯାଏ ରୋଷେଇ ପାଇଁ ଇନ୍ଧନ ଯୋଗାଉଛି । ଅଧିକ ଅସାବଧାନତାରେ ପ୍ରେସର ଦେଲେ, ସିଲିଣ୍ଡର ଫାଟି ଘର ଜାଳିଲା ଭଳିଆ ମଣିଷ ବି ସଂସାର ଉଚ୍ଛନ୍ନ ନ କରିବ, ଏକଥା କିଏ କହିବ ? ଠିକ୍ ଢଙ୍ଗରେ ବିରୋଧୀ ଦଳର ପ୍ରେସର, ରାଇଜ-ଦେଶରେ ସୁଶାସନ ଚଳାଏ । କାଣ୍ଡଜ୍ଞାନ ନ ଥାଇ ପ୍ରେସର ପକେଇଲେ, ଅକାରଣରେ ବିରୋଧ ସବୁଥିରେ କଲେ, ପାଞ୍ଚ ବରଷରେ ଶାସକ ହୁଏତ ପାଞ୍ଚଥର ବଦଳେ, ଯେମିତି ପଡ଼ୋଶୀ ପାକିସ୍ତାନ ଶାସକ ପାଞ୍ଚବର୍ଷ ଗାଦିରେ ନ ବସି ଗଡ଼ିପଡିଲାଭଳିଆ । ଅଳପରେ ଲୋପ୍ରେସର, ଆକାଶରୁ ଭଲ ବରଷା କରାଏ । କିନ୍ତୁ ଅଧିକ ଲୋପ୍ରେସର ଅବପାତ, ମହାବାତ୍ୟାରେ ଘର-ଦ୍ୱାର ଉଡାଏ, ଧନ-ଜୀବନ ବୁଡ଼େଇ ଧ୍ୱଂସର କାରଣ ସାଜେ । ସେଇ ପ୍ରେସର ମଣିଷ ଆଖିରୁ ଲୁହ ଝରାଏ । ଆଜ୍ଞା, ଏବେ ଆପଣଙ୍କ ପ୍ରେସର ଠିକ୍ ଅଛି ତ ? ଯେବେ ନାହିଁ ଭାବୁଛନ୍ତି, ତେବେ ତୁରନ୍ତ ମାପି ପକାନ୍ତୁ, ନିରାପଦରେ ବଞ୍ଚନ୍ତୁ !

-ମଙ୍ଗରାଜପୁର, ବୀର ହରେକୃଷ୍ଣପୁର, ପୁରୀ
ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଶାମୁକାଏ ଶିହରଣ

**କବି : ସୁଜାତା ମିଶ୍ର**
**ପ୍ରକାଶକ : ଅଭିମାନ**
**ମୂଲ୍ୟ: ୧୯୯/-**





ଶାମୁକାଏ ଶିହରଣ ଡକ୍ଟର ସୁଜାତା ମିଶ୍ରଙ୍କର ପ୍ରଥମ କବିତା ସଂକଳନ ; ଯେଉଁଥିରେ ସନ୍ନିବିଷ୍ଟ ହୋଇଛି ଛୋଟବଡ଼ ହୋଇ ୫୭ଟି କବିତା । ଜୀବନର ବିପୁଳ ସୌନ୍ଦର୍ଯ୍ୟର କଥା କହୁଥିବା କବିତା ଗୁଡିକ କାବ୍ୟମୋଦୀ ପାଠକଙ୍କୁ ଆକର୍ଷିତ କରିବାର କ୍ଷମତା ରଖେ । ସ୍ଥୁଳ ଜୀବନ ଭିତରେ ଥିବା ସୂକ୍ଷ୍ମ ନିର୍ଯ୍ୟାସ ଟିକକ କବି ଏହି କବିତାଗୁଡିକ ମାଧ୍ୟମରେ ଧରି ରଖିବାର ଚେଷ୍ଟା କରିଛନ୍ତି । ସାଧାରଣ ଜୀବନରେ ଲୁକ୍କାୟିତ ଥିବା ଅସାଧାରଣ ଇଙ୍ଗିତ ଆଡକୁ କାବ୍ୟ ସତ୍ତା ନିଜକୁ ସଦା ଉନ୍ମୋଚିତ କରି ରଖିଥିବାର ମନେହୁଏ । ପ୍ରକୃତି ଭିତରୁ ସତେଜ ଚିତ୍ରକଳ୍ପର ଆହରଣ ଓ ତା'ର ପରିବେଷଣ ଶାମୁକାଏ ଶିହରଣର କବିଙ୍କର କାବ୍ୟିକ ବିଶେଷତ୍ୱ । ୧୫୨ ପୃଷ୍ଠା ସମ୍ୱଳିତ ସୁଦୃଶ୍ୟ ପୁସ୍ତକଟିରେ ସଂଯୋଜିତ ହୋଇଥିବା ଚିତ୍ରଗୁଡିକ ଆକର୍ଷଣୀୟ ଓ ଭାବ ଉଦ୍ରେକକାରୀ । ଶାମୁକାଏ ଶିହରଣ ଉପରେ ସଂକ୍ଷିପ୍ତ ଅଥଚ ସୁନ୍ଦର ମତାମତ ଦେଇଛନ୍ତି ଆମ ସମୟର ବିଶିଷ୍ଟ କବି ଭବାନୀ ପଢ଼ଯୋଷୀ ଓ ପଦ୍ମଜା ଶରଣ । ବହିଟିର ବିପୁଳ ପଠନୀୟତା ଆଶା କରାଯାଏ ।

### ବିସ୍ମୟ ବିଜ୍ଞାନ

**ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା**
**ସର୍ଜନା,ପାଣିଗ୍ରାହୀ ସାହି, ଗୋସାଇଁ ନୂଆଗାଁ, ବ୍ରହ୍ମପୁର, ମୂଲ୍ୟ-୧୦୦/-**

ପୁସ୍ତକଟିରେ ୫୦ଟି ବିଜ୍ଞାନ ଭିତ୍ତିକ ବିଭିନ୍ନ ଲେଖା ସ୍ଥାନୀତ ହୋଇଛି । ବିଶେଷକରି ଏଥିରେ ଜଣେ ପାଠକ ଦେଖିବାକୁ ପାଏ କୁହ: କାହିଁକି ଓ କିପରି ? ଆଉ ଏହି ପ୍ରସଙ୍ଗକୁ ଲେଖକ ପୁସ୍ତକରେ ଗୁରୁତ୍ୱ ଦେଇଛନ୍ତି । ତାଙ୍କ ପୁସ୍ତକରେ ଏମିତି ଅନେକ ଆଲୋଚନା ରହିଛି, ଯାହା ପ୍ରାସଙ୍ଗିକ, ଯୁଗୋପଯୋଗୀ ଓ ଆଧୁନିକ । କିନ୍ତୁ ତାହା ପାଠ୍ୟ ପୁସ୍ତକରେ ସ୍ଥାନୀତ ହୋଇପାରିନାହିଁ । ଏହି ଆବଶ୍ୟକତା ପୂର୍ଣ୍ଣ କରିବା ଲେଖକଙ୍କ ଆଭିମୁଖ୍ୟ । ସେ ଯେଉଁ ବିଷୟମାନ ନିର୍ବାଚନ କରିଛନ୍ତି, ସେଥିରୁ କେତେକ ହେଉଛି ଖଗୋଳ ଓ ମହାକାଶ, ଜୀବଜଗତ, ଶରୀର ବିଜ୍ଞାନରେ ନିଦ, ହାତ ଥରିବା, ଯାନ୍ତ୍ରିକ ଆବିଷ୍କାର (ଅଗ୍ନି-୫, ରକେଟ୍, ଏଲ୍‌ପିଜି ଇତ୍ୟାଦି) । ଏତଦ୍‌ବ୍ୟତୀତ ବିଜ୍ଞାନର ଐତିହାସିକ ତଥ୍ୟ ମଧ୍ୟ କିଛି ପରିମାଣରେ ବର୍ଣ୍ଣିତ ହୋଇଛି । ବୈଜ୍ଞାନିକଙ୍କ ଜୀବନୀ ଓ କୃତି ମଧ୍ୟରେ ବିଦେଶରେ ପିଥାଗୋରସ୍‌ଙ୍କଠାରୁ ଆରମ୍ଭ କରି ଆମ ଦେଶର ବରାହ ମିହିର, ବ୍ରହ୍ମଗୁପ୍ତ, ରମଣ ଓ ଆମ ରାଜ୍ୟର ପଠାଣି ସାମନ୍ତ ଯଥାଯଥ ପ୍ରାଧାନ୍ୟ ଲାଭ କରିଛି । ବହିର ଶୈଳୀ, ଭାଷାର ସରଳତା, ବିଷୟବସ୍ତୁ ନିର୍ବାଚନ ଓ ସହଜ ଉପସ୍ଥାପନା ପାଠକଙ୍କୁ ନିଶ୍ଚୟ ଆକର୍ଷିତ କରିବ ।



ବ୍ୟାକ୍ ପେଜ୍

# କଙ୍କାଳ ଏମିତି ବି

ମଣିଷ କଙ୍କାଳକୁ ଦେଖିଲେ ଅନେକେ ଡରି ଯାଆନ୍ତି । ହେଲେ ଏ ହେଉଛି ଏମିତି ଏକ ମାନବ କଙ୍କାଳ ଯାହା ଦେଖିବାକୁ ତ ଅବିକଳ ମାନବ କଙ୍କାଳ ପରି ହେଲେ ଏହା ମନରେ ଭୟ ସୃଷ୍ଟି କରିବ ନାହିଁ । କାରଣ ଏହା ତିଆରି ହୋଇଛି ଉଲ୍‌ରେ । ଉଲ୍‌ରେ ସାଧାରଣତଃ ଶୀତବସ୍ତ୍ର ଓ ଘର ସାଜସଜ୍ଜା ସାମଗ୍ରୀ ତିଆରି କରାଯାଇଥାଏ । ହେଲେ ପାପ୍ ନାମକ ଜଣେ ବ୍ୟକ୍ତି ଉଲ୍‌ରେ ତିଆରି କରିଛନ୍ତି ମାନବ କଙ୍କାଳ, ଯାହାକୁ ଦେଖିଲେ ଯେ କେହି ଚକିତ ହୋଇଯିବେ । କାରଣ ସେ ଏହାକୁ ଏତେ ନିଖୁଣଭାବେ କରିଛନ୍ତି ଯେ, ତାହା ସତସତିକା କଙ୍କାଳ ପରି ଲାଗେ । ଏହାକୁ ତିଆରି କରିବା ପାଇଁ ତାଙ୍କୁ ୮ ମାସ ସମୟ ଲାଗିଥିଲା । ପ୍ରଥମ ୪ ମାସ ତାଙ୍କୁ କଙ୍କାଳ ତିଆରି ଓ ଅନ୍ୟ ୪ ମାସ ତା' ମଧ୍ୟସ୍ଥ ଅଙ୍ଗପ୍ରତ୍ୟଙ୍ଗ ତିଆରି କରିବାକୁ ଲାଗିଥିଲା । ପାପ୍‌ଙ୍କର ବହୁତ ଇଚ୍ଛା ଥିଲା ଜଣେ ଏକ୍ସ-ରେ ଟେକ୍ନିସିଆନ୍ ହେବେ । ହେଲେ ସେ ସେଥିପାଇଁ ଅଧ୍ୟୟନ କରି ନ ଥିଲେ । ଆଉ ଆର୍ଟ ସ୍କୁଲରେ ପଢ଼ିଲେ । ମନରେ ତାଙ୍କର କିନ୍ତୁ ଶରୀର ବିଜ୍ଞାନ ବିଷୟରେ



ଜାଣିବାର ପ୍ରବଳ ଆଗ୍ରହ ଥିଲା । ଏଥିପାଇଁ ଅନେକ ମେଡିକାଲ ସମ୍ବନ୍ଧୀୟ ବହି ପଢୁଥିଲେ । ଶେଷରେ ସେ ନିଜ କଳା ସାହାଯ୍ୟରେ ମଣିଷ ଶରୀରର ଏକ୍ସ-ରେ ତିଆରି କରିବାକୁ ଚାହିଁଲେ । ଆଉ ସେ ଉଲ୍‌ର ଏହି କଙ୍କାଳ ତିଆରି କଲେ । ଏହି କଙ୍କାଳ ଯେମିତି ଜୀବନ୍ତ ଲାଗେ ଏହା ମଧ୍ୟସ୍ଥ ଅଙ୍ଗଗୁଡିକ ସେହିଭଳି ବାସ୍ତବ ଲାଗେ । ତେଣୁ ତାଙ୍କର ଏହି କାମକୁ ସମସ୍ତେ ବହୁତ ପସନ୍ଦ କରୁଛନ୍ତି ।





# ଅସୁନ୍ଦର କେକ୍ ପ୍ରତିଯୋଗିତା

ଜନ୍ମଦିନ ହେଉ କି ଏଙ୍ଗେଜମେଣ୍ଟ ଅବା ବିବାହ, ଏସବୁକୁ ସେଲିବ୍ରେଟ୍ କରିବା ଲାଗି ଆବଶ୍ୟକ ପଡ଼େ କେକ୍ । ସମସ୍ତେ ଚାହାନ୍ତି ବରାଦ ଦିଆଯାଇଥିବା କେକ୍ ଆକର୍ଷକ ଓ ସ୍ୱାଦିଷ୍ଟ ହେବା ଜରୁରୀ । ହେଲେ ଜାଣନ୍ତି କି ଏମିତି ଏକ ସ୍ଥାନ ଅଛି ଯେଉଁଠି ତିଆରି କରାଯାଏ ସବୁଠୁ ଅସୁନ୍ଦର କେକ୍ । ଖାଲି ଯେ, ଅସୁନ୍ଦର କେକ୍ ତିଆରି କରାଯାଏ ତାହା ନୁହେଁ, ତାକୁ ନେଇ ପ୍ରତିଯୋଗିତା ବି ଆୟୋଜନ କରାଯାଏ । ଆଉ ସମସ୍ତେ ନିଜ ନିଜର ଅସୁନ୍ଦର କେକ୍‌କୁ ଗର୍ବର ସହ ପ୍ରଦର୍ଶିତ ବି କରନ୍ତି । ଆମେରିକାର ଆୟୋବାରେ ଆୟୋଜିତ ହେଉଥିବା ଏହି ଅଜବ ପ୍ରତିଯୋଗିତାର ନାଁ ହେଉଛି 'ଜନ୍‌ସନ୍ କାଉଣ୍ଟି ଫେୟାର' । ସ୍ଥାନୀୟ ଅଧିବାସୀ ଯେତେ ସମ୍ଭବ ଅସୁନ୍ଦର ଓ ଅଜବ କେକ୍ ତିଆରି କରିବାକୁ ପ୍ରୟାସ କରନ୍ତି । ପ୍ରତିଯୋଗିତାରେ ପ୍ରତିଯୋଗୀଙ୍କୁ ବୟସ ଅନୁସାରେ ଭିନ୍ନ ଭିନ୍ନ ଗ୍ରୁପ୍‌ରେ ବିଭାଜିତ କରାଯାଇଥାଏ । ପ୍ରତିଯୋଗୀମାନେ ଭୂତ, ପ୍ରେତ, ଅସୁନ୍ଦର ଚେହେରା, ଲାଟ୍ରିନ୍, ପୋକ ଓ ମଳ ଭଳି ନାନା ପ୍ରକାରର ଅସୁନ୍ଦର କେକ୍ ତିଆରି କରନ୍ତି । ସବୁଠୁ ଅସୁନ୍ଦର କେକ୍ ତିଆରି କରିଥିବା ବ୍ୟକ୍ତିଙ୍କୁ ବିଚାରକମଣ୍ଡଳୀ ବିଜୟୀ ଘୋଷଣା କରନ୍ତି ।







# ମାଛ ସହ ବନ୍ଧୁତା

ବନ୍ଧୁତା ଏକ ପବିତ୍ର ସମ୍ପର୍କ । ଏହା କାହା ସହିତ ବି ହୋଇପାରେ । ବନ୍ଧୁତା ଯେତେ ପୁରୁଣା ହୁଏ, ସେତେ ହୁଏ ନିବିଡ଼ । ସେମିତି ଏକ ନିଆରା ବନ୍ଧୁତା ଦେଖିବାକୁ ମିଳେ ଜାପାନରେ । ଏଠାକାର ଜଣେ ବୁଢାଲିଙ୍କର ଏକ ମାଛ ସହିତ ବନ୍ଧୁତା ହୋଇଯାଇଛି । ଏହି ସମ୍ପର୍କ ପୁଣି ଦିନେ କି ଦୁଇ ଦିନର ନୁହେଁ, ଦୀର୍ଘ ୨୫ ବର୍ଷର । ବୁଢାଲିଜଣକ ହେଉଛନ୍ତି ହିରୋୟୁକି ଅରାକାୱା । ଯେଉଁ ମାଛ ସହ ତାଙ୍କର ବନ୍ଧୁତା ହୋଇଛି ତାହା ଏସୀୟ ସିପସ୍‌ହେଡ୍ ରୈସ୍ ପ୍ରଜାତିର, ଯାହାର ନାମ ହେଉଛି ୟୋରିକୋ । ହିରୋୟୁକିଙ୍କର କାମ ହେଉଛି ଏଠାକାର ତତେୟାମା ଉପସାଗରରେ ବୁଡି ରହିଥିବା ସିଣ୍ଟୋ ଧର୍ମର ତୋରି ନାମକ ଦେବାଳୟର ଦେଖାଶୁଣା କରିବା । ଏହି କାମ କରିବାବେଳେ ସେ ଅନେକ ସାମୁଦ୍ରିକ ଜୀବ ସଂସ୍ପର୍ଶରେ ଆସିଥାନ୍ତି । ଏମିତିରେ ଏସୀୟ ସିପସ୍‌ହେଡ୍ ରୈସ୍ ପ୍ରଜାତିର ଏକ ମାଛ ସହ ତାଙ୍କର ସମ୍ପର୍କ ଗଢି ଉଠିଲା । ସେ ଯେବେ ବି ତତେୟାମା ଉପସାଗରରେ ସ୍କୁବା ଡାଇଭିଂ କରନ୍ତି ଏହି ମାଛ ସହ ତାଙ୍କର ଭେଟ ହୁଏ । ବର୍ତ୍ତମାନ ଏହି ବନ୍ଧୁତାକୁ ୨୫ ବର୍ଷ ହୋଇଗଲାଣି । ହିରୋୟୁକି ଓ ମାଛ ୟୋରିକୋଙ୍କ ମଧ୍ୟରେ ଥିବା ଏହି ସୁମଧୁର ସମ୍ପର୍କର ଫଟୋ ସୋସିଆଲ ମିଡ଼ିଆରେ ଖୁବ୍ ଚର୍ଚ୍ଚାରେ ରହେ । ତନ୍ମଧ୍ୟରେ ୟୋରିକୋକୁ ହିରୋୟୁକି ଚୁମ୍ବନ ଦେଉଥିବାର ଫଟୋ ବେଶି ଚର୍ଚ୍ଚିତ । ସେ ଯେତେଥର ଜଳ ମଧ୍ୟକୁ ଯାଆନ୍ତି, ଏହି ମାଛକୁ ନିଶ୍ଚୟ ଦେଖାକରନ୍ତି । ଉକ୍ତ ମାଛର ମଣିଷ ଚିହ୍ନିବାରେ ଅଛି ବିଶେଷ ଦକ୍ଷତା । ତେଣୁ ସେ ହିରୋୟୁକିଙ୍କୁ ଯେକୌଣସି ପରିସ୍ଥିତିରେ ଚିହ୍ନିପାରେ । ଆଉ ଏହି ମୁହୂର୍ତ୍ତଟି ଥାଏ ବେଶ୍ ମନୋରମ ।